ମୌସୁମୀ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମୌସୁମୀ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ହିରଣ୍ମୟୀ " ମୌସୁମୀ " (ଜୁଲାଇ - ୨୦୧୯) ଏହି ବିଶେଷାଙ୍କ କୁ ନିଜ ସୃଜନ ସୃଷ୍ଟିରେ ଅଲଙ୍କୃତ କରିଛନ୍ତି :

ଆସ ଗୋ ମୌସୁମୀ
ମୁରାରୀ ପ୍ରସାଦ ପଶାଏତ

ଆଷାଢ଼ ଆସିଛି
ସୁଦ୍ୟୁମ୍ନା ପଣ୍ଡା

ଆଷାଢ଼ ଆସିବ ବୋଲି
ପ୍ରତିଭା ପରିଜା

ଆସ ଗୋ ମୌସୁମୀ ପ୍ରିୟା
ପୁଷ୍ପାଞ୍ଜଳି ପଣ୍ଡା

ବରଷା ସତେ କି !!
ବନ୍ଦିତା କର

ମୌସୁମୀ ଗୋ ତମେ
ସୁପ୍ରଭା ସାମଲ

ମୌସୁମୀ
ସନ୍ଧ୍ୟାରାଣୀ ପରିଜା

ବର୍ଷାକାଳ ଉପଗତ
ବାଉରୀବନ୍ଧୁ ଲେଙ୍କା

ପ୍ରଭାସିନୀ ହୋତାଙ୍କ ଦୁଇଟି କବିତା :**ବରଷା ଆସିଲା / ଫୁଲେଇ ବରଷା**

ତୁମେ ଆସ ମଉସୁମୀ
ସୁବାଷ ଚନ୍ଦ୍ର ପଣ୍ଡା



ମୌସୁମୀ ଦିଅଇ ଅମୃତ ବାରି
ତ୍ରିଲୋଚନ ପଣ୍ଡା

ମୌସୁମୀ ଆଣିଛି ପ୍ରେମର ରଙ୍ଗ
ଜୟଶ୍ରୀ ପଟ୍ଟନାୟକ

ଆସ ମଉସୁମୀ ଆସ
ପ୍ରଭାତ କୁମାର ନାୟକ



ଅଙ୍ଗୀକାର
ସରୋଜିନୀ ଦାସ

ତୁମେ ଆସିଛ ମୌସୁମୀ
ପୁଷ୍ପିତା ଦାଶ

ଭାବନରୁ କିଛି ବାଢ଼ି..
ପ୍ରସନ୍ନ କୁମାର ମାଦଳା

ରମେଶ ଚନ୍ଦ୍ର ପସାଏତ୍ ଙ୍କ ଦୁଇଟି କବିତା :
ମୌସୁମୀର ଶୁଭ ଆଗମନ / ବରଷା ରାନି ଆଏଲା ରେ

ସେଇ ଝିଅଟି
ରଶ୍ମିତା ଦୀକ୍ଷିତ

ଶ୍ରୀ ଡମ୍ବରୁଧର ବାଗ ଙ୍କ ଦୁଇଟି କବିତା :**ତୁମେ ଆସିଲା ପରେ /ଅସାର ଝଞ୍ଜାର**

ଶୁଭ ସମ୍ବାଦିନୀ ଶ୍ରାବଣ
ଦୀପକ କୁମାର ଦେ

ଶାଗୁଆ ଜହ୍ନ
ଅମ୍ବିକା ସ୍ୱାଇଁ

ମୋ ବାଲକୋନୀରୁ ବର୍ଷା ଋତୁ
ସୁଧୀରାଜ ରାଉତ

ବର୍ଷା
କସ୍ତୁରୀ ଚରଣ ରାଉତ

ମୌସୁମୀ
ବୀଣାପାଣି ରାଏଗୁରୁ

ଆସ ମୌସୁମୀ ଆସ
ଶୁଭେନ୍ଦୁ ସାହୁ

କମଳିନୀ ଦେବୀଙ୍କ ଦୁଇଟି କବିତା
ଆ'ଲୋ ବର୍ଷା /ବର୍ଷା ସୁନ୍ଦରୀ

ଏବେ ବାହାରେ ନିର୍ଧୂମ ବର୍ଷା
ସାବିତ୍ରୀ ପୁରୋହିତ

କୃତ୍ତିବାସ ନାୟକ ଙ୍କ ଦୁଇଟି ଗୀତି କବିତା :" **ମୌସୁମୀ "ଓ " ବରଷା ରାଣୀ ର ପାଉଁଜି ଶବଦ..**

ବର୍ଷା ତୁମେ ଆସ
ସୁଷମା ପରିଜା

ବରଷା ଆସିଲା
ମନୋରମା ମିଶ୍ର

ତା'ର ନାଆଁ ବରଷା
ଡକ୍ଟର ସଚ୍ଚିଦାନନ୍ଦ କର

ବରଷା ଆସିଲେ ଗାଆଁକୁ ମୋର
ପ୍ରଶାନ୍ତ କୁମାର ନାଥ

ମୌସୁମୀ
କନକ ଲତା ଦାଶ୍

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ଆସ ଗୋ ମୌସୁମୀ

(ରାଗ- ଚୋଖୀ)

ମୃଦୁ ମନ୍ଦହାସିନୀ ଗୋ ତୁ ମନ୍ଥର ଗାମିନୀ ଗୋ
ଆସ ବେଗି ଆସ ଆମେ ଯିବା ପୁରୀ କି
ମନର ମରମ କଥା ଭାବର ଚରମ ବ୍ୟଥା,
ଜୀବନ ଚରିତ ଗାଥା ବହିଧରି କି
ଅର୍ପିଦେବା ଜଗା କତିକି ,
କାକୁତି ମିନତି ହେବା ଆତ୍ମଶାନ୍ତି କି ।।

ନିଜେ ନିଜ ଲୁହେ ଭିଜି ଆନେ ଦେବା ସ୍ନେହ ସିଂଚି
ରଥେ ଦେଖିବା ବସିଛି ଅନନ୍ତ ମୂର୍ତ୍ତି
ଅନନ୍ତ କୋଟି ନାୟକ ବଡଦାଣ୍ଡେ ଡାକେ ଦେଖ,
ଭକ୍ତ-ମେଳେ ଭକ୍ତି-ଛଳେ ଅନନ୍ତ ନିତି
ମୌସୁମୀ ଗୋ ସେ ଏକା ଶାନ୍ତି,
ଏକ ମନେ ଏକ ପ୍ରାଣେ କରି ଭକତି ।।

କୋଟିଜନ ମନ କିଣା ହରେ ହୃଦୟ ବେଦନା
ଅନ୍ତର୍ଯ୍ୟାମୀ ଅନ୍ତର୍କଥା ତାହାକୁ ଜଣା
ଭାବର ଠାକୁର ସିଏ ଭକ୍ତିର ଭିକାରୀ ଟିଏ,
ତା'ରେ ଶରଣ ଗଲେ ତ ନ ହେବା ବଣା
ମୌସୂମୀ ଗୋ ହୋଇବୁ ଧନ୍ୟା,
ଜଗା ଚରଣେ ଖୋଜିବା ନିଜ ଠିକଣା ।।

ଲୋଡିବାନି ମୋକ୍ଷପଦ ଆଶ୍ରା ଏକା ଜଗାପାଦ
ସାଥୀହୋଇ ଆସୁଥିବା ପ୍ରତିବର୍ଷକୁ ।
ନିଜେ ଜଳି ଦୀପ ପରି ଆନେ ଆଲୋକ ବିତରି,
ପ୍ରତି କର୍ମ,ଧର୍ମ,ପାପ,ପୂଣ୍ୟ ସଭିଁଙ୍କୁ ।
ସମର୍ପିବା ଜଗା କତିକୁ ।
ମୁରାରୀ ମୌସୁମୀ ଶାନ୍ତି କାଳକାଳକୁ ।।।

ମୁରାରୀ ପ୍ରସାଦ୍ ପଶାଏତ୍
ନି .ଶରଧା,
ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର , ବଢେଇମୁଣ୍ଡା,ଝାରସୁଗୁଡା
ମୋ : ୮୬୫୮୨୧୮୮୧୫

ମୌସୁମୀ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଆଷାଢ଼ ଆସିଛି

ସୁଦ୍ଧମା ପଣ୍ଡା

ପହିଲି ଆଷାଢେ ବର୍ଷା ବିନ୍ଦୁ ଯେବେ
ଧରା ପୃଷ୍ଟେ ଯାଏ ପଡ଼ି ।
ଭିଜା ଭିଜା ସେଇ ମଟିର ବାସ୍ନା ରେ
ଶିହରଣ ଯାଏ ଭରି ।। (୧)

ପିଆସୀ ପୃଥିବୀ ସୁଖେ କରେ ପାନ
ଆଷାଢ଼ ର ସୁଧା ବିନ୍ଦୁ ।
ସତେ ଅବା କେଉଁ କାଳୁ ଫେରିଛି ତା
ପ୍ରବାସୀ ଦରଦୀ ବନ୍ଧୁ ।। (୨)

ସଙ୍ଗେ ଆଣିଥିବା ଉପହାର ସବୁ
କି ସରାଗେ ଦେବ ବାଢ଼ି ।
ନୂଆଁ ରୁପେ ସଜ ହେବ ବସୁମତୀ
ତା ସୌନ୍ଦର୍ଯ୍ୟ ଯିବ ବଢି ।। (୩)

କୃଷ୍ଣଚୂଡ଼ା ଫୁଲେ ବାନ୍ଧିବ ସେ ଗଭା
ପିନ୍ଧିବ ସବୁଜ ଶାଢ଼ୀ ।
ହରିତ ପଣତେ ସାଧବ ବୋହୂ ର
ନାଲି ଛିଟା ଥିବ ପଡ଼ି ।। (୪)

ଯୁଇ, ଯାଇ, ମଲ୍ଲି ଚମ୍ପା କନିଅରେ
ଥିବ ତାର ବାଜୁ ବାନ୍ଧି ।
ସପତ ରଙ୍ଗରେ ଭରା ଇନ୍ଦ୍ରଧନୁ
ମଥାମଣି ଥିବ ପିନ୍ଧି ।। (୫)

କଳ,କଳ ନାଦୀ ପୂର୍ଣ୍ଣ ଗର୍ଭା ନଦୀ
ସାଜିବ କଟି ମେଖଳା ।
ହୀରା ବିଜଡ଼ିତ ତଡିତ୍‌ଲତା ତାର
ହୋଇବ ଗଳାର ମାଳା ।। (୬)

କୁଳୁ,କୁଳୁ ହୋଇ ବହି ଯାଉଥିବା
ମନଲୋଭା ସରୁ ଝର ।
ଧରଣୀ ଶୋଭା କୁ ଦ୍ବିଗୁଣ କରିବ
ସାଜି ତା ପାଦେ ନୂପୁର ।। (୭)

ମେଘ ରାଜା ଆସି ବଜାଇବ ବାଜା
ଆଷାଢ଼ ର ନିମନ୍ତ୍ରଣେ ।
ସେଇ ବାଜା ତାଳେ ବରଷା ନାଚିବ
ଘୁଙ୍ଗୁର ବାନ୍ଧି ଚରଣେ ।। (୮)

କୁହୁ,କୁହୁ ସ୍ବନେ ପଞ୍ଚମ ତାନରେ
ବଂଶୀ ବାଇବ କୋଇଲି ।
ସାରୁ ଗଛ ମୂଳେ ପତ୍ର ଉହାଡରେ
ବେଙ୍ଗ ଦେବ ହୁଳହୁଳି ।। (୯)

କଳାମେଘ ଦେଖି ନୃତ୍ୟରତା କେକୀ
ଥିବ ତାର ପୁଚ୍ଛ ଟେକି ।
ଛତୁ ହୋଇଥିବ ଛତ୍ର ର ଆକାର
ଧରଣୀ ର ମାନ ରଖି ।। (୧୦)

ଆଷାଢ଼ ଆସିଛି ଧରଣୀ ରାଣୀ କୁ
ଯାଦୁଛଡି ଦେବ ଛୋଇଁ ।
ନବ ଜଉବନ ଲାଭ କରି ଧରା
ଅପରୂପା ଯିବ ହୋଇ ।। (୧୧)

ଭଟଲି , ବରଗଡ, ଓଡ଼ିଶା

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଆଷାଢ଼ ଆସିବ ବୋଲି

ପ୍ରତିଭା ପରିଜା

ଆଷାଢ଼ ଆସିବ ବୋଲି
ଅନେକ ଖବର ଆଗରୁ ଥିଲା ,
ଚଉଦିଗ ସାରା ଆକାଶ ଛାତିରେ
ମେଘ ମଲ୍ହାର ସାଜିଥିଲା ।।

ଅନେକ ଛନ୍ଦ ରେ ତାଳେ ତାଳ ଦେଇ
ମୟୁର ସେଦିନୁ ନାଚୁ ଥିଲା
ଆଷାଢ଼ ଆସୁଛି ଆଷାଢ଼ ଆସୁଛି
ବାର ବାର ସେ ଯେ କହୁଥିଲା ।।

କୋହରେ ବଣ୍ଟୁରା ବିରହ ସଙ୍ଗୀତ
ବେସୁରା ବେସୁରା ଶୁଭୁଥିଲା ,
ଦୂର ଦୁରାନ୍ତ ରେ କାହା ପାଇଁ ଝୁରି
କାହାର ହୃଦୟ କାନ୍ଦୁଥିଲା ।।

ନିଝୁମ ରାତିରେ ଅକାରଣ ଟାରେ
ନିଦ ଯେବେ ଯେବେ ଭାଙ୍ଗୁଥିଲା ,
ଆଷାଢ଼ ଆସିବା ବାହାନା ଦେଖାଇ
ମନ କୁ ବୁଝେଇ ଦେଉଥିଲା ।।

ଦୂର ବିଦେଶ ରେ ପ୍ରଣୟି ର ମନ
ପ୍ରଣୟିନୀ ପାଇଁ ଝୁରୁଥିଲା ,
ଆକୁଳ ଅନ୍ତର ପ୍ରେମିକ ହୃଦୟ
ମିଳନ ର ଗୀତ ଗାଉଥିଲା ।।

ଆଷାଢ଼ ଆସିବା ଆଶାରେ ଆଶାରେ
କେତେ ଯେ ସପନ ଦେଖୁଥିଲା ,
ଆଖିର ଲୁହ କୁ ମନ ର କୋହ କୁ
ଛାତିରେ ସାଇତି ରଖୁଥିଲା ।।

ସିଡିଏ , କଟକ,ଓଡିଶା ।।

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଆଗୋ ମୌସୁମୀ ପ୍ରିୟା

ପୁଷ୍ପାଞ୍ଜଳି ପଣ୍ଡା

ସାରା ଆକାଶକୁ ଆବୋରି ରହିଛ
ଆଗୋ ମୌସୁମୀ ପ୍ରିୟା ।
ଝର ଝର ତବ ଅଙ୍ଗସଙ୍ଗ ପାଇ
ଶୀତଳ ଧରଣୀ ହିଆ ।

ନୂଆ ଉନ୍ମାଦନା ନୂଆ ସମ୍ଭାବନା
ଅଙ୍କୁରିତ ତ କାରଣ ।
ସମ୍ମୋହିତ ସର୍ବେ ବିମୋହିତ ସର୍ବେ
ଶିହରିତ ତନୁ ମନ ପ୍ରାଣ ।

ଟୁପ ଟାପ୍ କରି ଓହ୍ଲାଇ ଆସୁଛ
ବିଜୁଳି ରୋଷଣୀ କରି ।
ସଜେଇ ହେଲେଣି ସାରା କ୍ଷେତବାଡି
ସୌମ୍ୟ ସବୁଜିମା ଭରି ।

ବର୍ଷିଯାଅ ଥରେ ଆଦ୍ୟ ଆଷାଢରେ
ହୃଦେ କାମନା ର ବନ୍ୟା ।
ପ୍ଲାବିତ କର ଗୋପନ ସପନ (ଆଗୋ)
ଷୋଡ଼ଶୀ ଶ୍ରାବଣୀ କନ୍ୟା ।

ଭସା ବାଦଲ ର ମେଳା ରେ ଖେଳୁଛ
ଲୁଚକାଳି କାହିଁ ଏତେ ?
ଆସ ମଉସୁମୀ, ଢ଼ହଳ ବିକଳ
କରାଅନା ଆଉ ମତେ ।

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର, ଓଡ଼ିଶା

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ବରଷା ସତେ କି ..!!

ବନ୍ଦିତା କର

ବରଷା ସତେ କି ? ଆକାଶ ଛାତିରେ
ଅସୂମାରୀ ଆବେଗର
ପ୍ରସ୍ତ ପ୍ରସ୍ତ ମେଘର ଲହର...
ଏଇ ବୋଧେ ଲୁହ ହୋଇ ଝରିଯିବ ମେଘର ଆଖିରୁ
ଆଉ ସେ ଲୁହରେ ଭିଜିଯିବ,
ଜଳ-ସ୍ଥଳ ବନଗିରି କନ୍ଦର ।

ଏଇ ସେ ଯେ ପୀରତି ଆବେଗ ଲୁହଧାର !
ବରଷା ସତେ କି , ପୀରତି ଆବେଗ ଲୁହଧାର !!
ବରଷା ସତେକି ? ଧରଣୀ ରାଣୀର ନୀରବ ଅପେକ୍ଷାର
ରାଶି ରାଶି ଅଭିମାନ ଗୀତି......
ଏଇ ବୋଧେ ସୂର ହୋଇ ଉକୁଟିବ ଧରଣୀ ଓଠରୁ
ଆଉ ସେ ସୂରରେ ଝୁମିଯିବେ,
କ୍ଷେତ-ବାଡ଼ି , ପୁଷ୍କରଣୀ ନଦ-ନଦୀ
ଏଇ ସେ ଯେ ଲିପ୍ତ ଅପେକ୍ଷାର ଗୀତି ।
ବରଷା ସତେକି , ଲିପ୍ତ ଅପେକ୍ଷାର ଗୀତି .!!

ବରଷା ସତେକି ? ବିଭୋର ସ୍ରଷ୍ଟାର ମୁଗ୍ଧ ହୃଦୟର
ଚୁନି ଚୁନି ରଙ୍ଗ କଳ୍ପନାର.....
ଏଇ ବୋଧେ ଶବ୍ଦ ହୋଇ ବ୍ୟାପି ଯିବ ବିଭୁ ଲେଖନୀରୁ
ଆଉ ସେ ରଙ୍ଗ ସଞ୍ଚରି ଯିବ ,
ତନ୍ତ୍ରେ ତନ୍ତ୍ରେ ଜଡଚେତନର ।
ଏଇ ସେ ଯେ ନିର୍ମଳ ଚିତ୍ରିକା ସର୍ଜନାର
ବରଷା ସତେକି ? ନିର୍ମଳ ଚିତ୍ରିକା ସର୍ଜନାର...!!!!

ନବରଙ୍ଗପୁର ,ଓଡିଶା

ମୌସୁମୀ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମୌସୁମୀ ଗୋ ତମେ..

ସୁପ୍ରଭା ସାମଲ

ଆଷାଢ଼ ଆକାଶେ ମୌସୁମୀ ଗୋ ତମେ
ରଚ ଯେବେ ଅଭିସାର
ମେଘ ସାଥେ ଝରେ ଅତୀତ ସ୍ମୃତି ମୋ
ତା'ସାଥିରେ ଅଶ୍ରୁ ଝର....(୧)

ବରଷା ରେ ସିନା ଭିଜି ଯାଏ ଦେହ
ମନେ କିନ୍ତୁ ଲାଗେ ନିଆଁ
ବିଜୁଳି ଚମକେ ଦେହେ ଶିହରଣ
ଲାଗେ ସତେ ପ୍ରିୟ ଛୁଆଁ.....(୨)

ତମେ ଯେବେ ଗାଅ ମେଘ ମଲ୍ଲାର
ମୋ ହୃଦୟେ ଆଶାବରୀ
ଆଖିର ନିଦ ଚୋରୀ ହେଲା ପରେ
ତମେ କିନ୍ତୁ ଯାଅ ଫେରି....(୩)

ମୋ ମନ ରେ ଆଜି ସମାଧି ନେଇଛି
କ୍ଲାନ୍ତ ମନ ର ଭାଷା
ସ୍ମୃତି ପାଲଟିଛି ଛାତି ତଳେ ଆଜି
ମନର ଅସରା ଆଶା..... (୪)

ଶ୍ରାବଣ ସଞ୍ଜ ରେ ତମେ ଯେବେ ଝର
ଝରକା ର ଆର ପାଖେ
ଭାରି ମନେ ପଡେ ଅଭୁଲା ଅତୀତ
ହାତ ଠାରି ପାଶେ ଡାକେ....(୫)

ଭୁଲି ହୁଏ ନାହିଁ ସେଇ ପଛ ଦିନ
ଝୁରି ହୁଏ ଅବିରତ
ନିଃଶବ୍ଦ ମୁହୂର୍ତ୍ତେ ଗାଉଛି ଆଜି ମୁଁ
ଯେତେ ନିରବତା ଗୀତ....(୬)

ମାହାଙ୍ଗା, କଟକ

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମୌସୁମୀ

ସନ୍ଧ୍ୟାରାଣୀ ପରିଜା

ତୋ ନାଁ କୁ ଏତେ ଭଲ ପାଇଲି ଯେ
ଅପେକ୍ଷାର ଅନିର୍ବାଣ ମୁହୂର୍ତ୍ତ ମାନଙ୍କୁ
ଝୁରି ଝୁରି ଉତ୍ତାପ ଦେହରେ,
ତୃଷ୍ଣାର ତୃପ୍ତି ପାଇଁ କଣ ଓହ୍ଲେଇ ଆସିବୁ ?

ସେ ସ୍ପର୍ଶରେ ସିକ୍ତ ହେବି ବୋଲି
ଖୋଲି ଦେଇଛି ଅବଗୁଣ୍ଠନ
ତରଳି ଯାଉଥିବା ସ୍ୱପ୍ନମାନଙ୍କୁ
ଓଳି ତଳକୁ ଗଡେଇଦେଇ
ଖୁସି ଢଙ୍ଗାରେ ଆହୁଲା ପାଇଁ ତୟାର ।

ରୁଦ୍ର ସନ୍ୟାସୀର କର୍କଶ ସ୍ପର୍ଶ
ଉଦାସୀ ଗ୍ରୀଷ୍ମ ଦେହେ ଘଷି ହୁଏ
ଅପଚୟ ଶବ୍ଦମାନଙ୍କରେ
ସ୍ୱେଦ ଆଉ ବିରକ୍ତିର ବିଞ୍ଚଣା
ବିଭକ୍ତ ହେଉଥାଏ ସାରା ଦ୍ୱିପହର ।

ନିଶର ନାସିକା ଛୁଇଁ
କେବେ ଆସିବୁ
ତୋ ନିର୍ଭୀକ ଉଦଣ୍ଡ ନୃତ୍ୟରେ
ସାରା ରାତି ଅବଶ କ୍ଲାନ୍ତ
କିଶଳୟ ପରି ସକାଳର ମୁହଁ ।

ଅଳସୀ ସଞ୍ଜର ତଟିନୀ
ଦିଗଙ୍ଗନା କାକକୃଷ୍ଣ କବରୀ ଛାଇରେ
ତୃଷାର୍ତ୍ତ ଚାତକ ସମ ମେଘ......ମେଦୁର ଆକାଶକୁ ଚାହିଁ
ଫୁଲ ରେଣୁ ବୋଳା ସଜଳ ସପନ
 ଖେଳୁଥିବ ପଦ୍ମ-ବନର ମହକ
ବିରହ ବିଧୂର ଚକୋର ଚିତ୍କାର ହଜୁଥିବ ଚପଳା ମହକେ ।
ଅନଭିଜ୍ଞ ସ୍ୱପ୍ନମାନେ ଉପଯୋଗୀ ପାଇଁ
ଅନ୍ତହୀନ ଅପାଶୋରା ... କଳ୍ପିତ ମାନସରୋବରରେ
ଦେଖୁଥିବେ ରତିକ୍ଳାନ୍ତ ହଂସଙ୍କ ମେଳଣ ।



ଅତିଷ୍ଠ ସେ କବରୀର ବାସ୍ନା
କଳାମେଘୀ ପାଟତଳେ ଅନିନ୍ଦ୍ୟ ସୁନ୍ଦରୀ
ସ୍ତବକର ହାତେ କେନ୍ଦ୍ରୀଭୁତ ସୁଖ
ଆଉ ବଢ଼ାଅନା ଜ୍ୱାଳା
ଅତିକ୍ରାନ୍ତ ମୁହୂର୍ତ୍ତର ପ୍ରଜ୍ୱଳିତ ରଙ୍ଗ
ଲୁଟିନିଅ ଖୁବ ସନ୍ତର୍ପଣେ ... ଅପେକ୍ଷାରେ ଉତ୍ତାପିତ ପ୍ରାଣ
ଆଷାଢର ପହିଲି ବିନ୍ଦୁ
ସ୍ୱାତି ଲଗ୍ନା ହେବାପାଇଁ ଉଷତ ଏ ମନ ।
ସ୍ପର୍ଶ ଦେଇ ମୁକ୍ତା ଗର୍ଭା କର
ବୁଣିଦେଇ ମୁଠା ମୁଠା ସଜଳ ସମ୍ଭାର ।

ଶୈଳଶ୍ରୀ ବିହାର ,ଭୁବନେଶ୍ୱର ,ଓଡିଶା

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ବର୍ଷାକାଳ ଉପଗତ

ବାଉରିବନ୍ଧୁ ଲେଙ୍କା

କଜଳ ରଙ୍ଗର ସଜଳ ଜଳଦ
ଭାସେ ଆଜି ନଭ ଦେଶେ
ଜଳଦର କୋଳେ ସୌଦାମିନୀ ଖେଳେ
ଆହା କି ସୁନ୍ଦର ଦିଶେ ॥୧॥

ଗୁରୁ ଗରଜନ ଶୁଭେ ଘନ ଘନ
ଭୟେ ପ୍ରକମ୍ପିତ ଚିତ୍ତ
ଶୀତଳ ସମୀର ଦିଅଇ ଖବର
ବର୍ଷାକାଳ ଉପଗତ ॥୨॥

ବର୍ଷା ଗୋ ତୁମେ ଝରି ଯାଅ ଆଜି
ଟିପି ଟିପି ପଦ ଛନ୍ଦେ
ଆଦ୍ୟ ଆଷାଢ଼ରେ ମୋହିନିଅ ମନ
ଭିଜାମାଟିର ସୁଗନ୍ଧେ ॥୩॥

ଉତ୍ତପ୍ତ ଏ ଧରା ଶୀତଳ ହୋଇବ
ପରିବେଶ ହେବ ଶାନ୍ତ
ତରୁ ଲତା ବନ ପାଇ ତୁମ ସ୍ପର୍ଶ
ହେବେ ନବ ପଲ୍ଲବିତ ॥୪॥

ତୃଷିତ ଚାତକ ଲଭିବ ସନ୍ତୋଷ
ପିଇ ନବ ବର୍ଷା ବାରି
ବିରହିଣୀ ମନ ଦୁଃଖେ ହେବ ପୂର୍ଣ୍ଣ
ପ୍ରିୟତମେ ଝୁରି ଝୁରି ॥୫॥

ସପ୍ତ ରଙ୍ଗ ନେଇ ଇନ୍ଦ୍ରଧନୁ ଶୋଭା
ଝଟକିବ ନଭ ଦେଶେ
ଦେଖି ମେଘମାଳ ମୟୂର ସକଳ
ନାଚିବେ ହର୍ଷ ଉଲ୍ଲାସେ ॥୬॥

କିଆ ଓ କେତକୀ ଫୁଟି ଚହଟିବେ
ମହକାଇ ପରିବେଶ
କେଦାରେ ସବୁଜ ଶସ୍ୟ ଶୋଭା ଦେଖି
ଚାଷୀ ହୋଇବ ହରଷ ॥୭॥

ସବୁଜ କଅଁଳ ଘାସ ଗାଲିଚାରେ
ଟାଣି ତା ନାଲି ଓଢଣି
ଧୀରେ ଧୀରେ ଯିବ ସାଧବ ବୋହୂଟି
ଦେଖାଇ ତା ରୂପ ଠାଣି ॥୮॥

ବେଙ୍ଗୁଲୀ ରାଣୀଟି ଦେବ ହୁଳହୁଳୀ
ସାରୁବୁଦା ମୂଳେ ବସି
ସ୍ୱାଗତ କରିବ ତୁମ ଆଗମନେ
ଯିବାକୁ ଜଳ ବରଷି ॥୯॥

ମୃତ ପ୍ରାୟ ନଦୀ ହୋଇବେ ଜୀବନ୍ତ
ବହିବେ ପ୍ରଖର ବେଗେ
ଜୀବନର ସ୍ୱପ୍ନ ସାକାର କରିବେ
ମିଶି ଜଳଧିର ସଙ୍ଗେ ॥୧୦॥

ଲଙ୍ଘି ଦୁଇ କୂଳ ବହିଯିବ ଜଳ
ଉଜୁଡି ଯିବ ଫସଲ
ଭାସିଯିବ ଘର ପଶୁ ପକ୍ଷୀ ନର
ଦୁଃଖେ ହୋଇ କଲବଲ ॥୧୧॥

ତୁମ ସଙ୍ଗେ ଆସେ ଚିତାଲାଗି ଓଷା
ରାକ୍ଷୀ ଓ ଗହ୍ମା ଝୁଲଣ
ଗହ୍ମା ପୂର୍ଣ୍ଣମୀରେ ଝୁଲଣେ ଝୁଲିବେ
ରାଧିକା ସଙ୍ଗେ ମୋହନ ॥୧୨॥

ଆଗମନେ ତୁମେ ଭରିଦିଅ ଅଙ୍ଗେ
ମୃଦୁ ମନ୍ଦ ଶିହରଣ
ଅପସରି ଯାଅ ଧରା ପୃଷ୍ଠେ ଦେଖି
ଶରତର ଆଗମନ ॥୧୩॥

ବର୍ଷା ଗୋ ତୁମେ ଯଥା ସମୟରେ
ଆସୁଥାଅ ପ୍ରତି ବର୍ଷ
ବର୍ଷି ନବ ବାରି ପ୍ରକୃତି ରାଣୀକୁ
ରଖ ସୁନ୍ଦର ସରସ ॥୧୪॥

ଭୁବନେଶ୍ୱର, ୯୮୫୩୫୩୫୮୪୪

ମୌସୁମୀ ବଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ନାରୀକବ ପ୍ରବାସିନୀ ହୋତାଙ୍କ ସୃଜନ ସୃଷ୍ଟିରେ "ମୌସୁମୀ" ବଶେଷାଙ୍କ କୁ ଅଲଂକୃତ କରୁଥିବା ଦୁଇଟି କବତା :

ବରଷା ଆସିଲା....

ବରଷା ଆସିଲା କଳା ବଉଦର
ଫାଙ୍କ ତଳେ ଲୁଚି ଲୁଚି
ବରଷା ଆସିଲା ହୀରାମୋତି ଭଳି
ବିନ୍ଦୁ ବିନ୍ଦୁ ଜଳ ସିଞ୍ଚି ।।

ବରଷା ଆସିଲା ସାଧବ ବୋହୂର
ମଖମଲି ଚାଲି ନେଇ
ବରଷା ଆସିଲା ପ୍ରେମିକ ପଣରେ
ଚୁପି ଚୁପି କଥା କହି ।।

ବରଷା ଆସିଲା ଝିଙ୍କାରିର ସୁରେ
ବଇଁଶୀ ରାଗିଣୀ ତୋଳି
ବରଷା ଆସିଲା ଭିଜା ଭିଜା ସ୍ନେହେ
ଧରା ଉଠିଲା କୁରୁଳି ।।

ବରଷା ଆସିଲା କଳା ବଉଦରେ
ଖେଳିଲା ବିଜୁଳି ହସ
ଡମ ଡମ ବାଜା ବଜାଇଲା ମେଘ
ଦେଖି ତାର ବରବେଶ ।।

ବରଷା ଆସିଲା ଏଥରକ ମହୀ
ସଜାଇବ ତନୁ-ମନ
ନବବଧୂ ହେବ ପିନ୍ଧି ଫୁଲଧଡି
ଶାଗୁଆ ପାଟ ବସନ ।।

ବରଷା ଆସିଲା ପ୍ରଣୟେ ମାତିଲା
ଶିଖି ତାର ପୁଚ୍ଛ ଟେକି
ମିଳନ ମନ୍ତ୍ରରେ ଅଭିଷିକ୍ତା ଧରା
ଇନ୍ଦ୍ରଧନୁ ହସ ମାଖି ।।

ବରଷକ ପରେ ପାଇଛି ଧରଣୀ
ପ୍ରେମିକ ବର୍ଷା କୁ ତାର
ଜାତି ଜାତି ଜୀବ ସୃଷ୍ଟି ସେ କରିବ
ତା ପ୍ରେମେ ହୋଇ ବିଭୋର ।।

ନଈ, ନାଳ,କୂଅ, ଗାଡିଆ ପୋଖରୀ
ଶୋଷ ଯିବେ ଏବେ ଭୁଲି
ଚାତକ କଣ୍ଠରୁ ବରଷକ ଶୋଷ
ନିଶ୍ଚେ ଯାଇଥିବ ଚାଲି ।।

ଫୁଲେଇ ବର୍ଷା

(କୋଶଲି)

ଜାନିଛେଁ ଲୋ ଜାନିଛେଁ ତତେ
ଫୁଲେଇ ରାନି ମୋର ଅଭିମାନିନୀ
କାଏଁଥିର ତୋର୍ ଅଭିମାନ ଏତେ !!

ଭିଜେଇ ପାରସୁ ତାହାକୁଁ ବଲି
ଉଦା ସରସର ଗାଆଁ ର ଖୁଲି
ଚହରେଇ ଚହରେଇ ଆଏଁଖ ନଚେଇ
ମୋରନ ଟିମାକି ଦେଖାସୁ କେତେ ??

ବଝେଇବାଉରି ବାଗିର ହେଇ
ଝରି ଯାଉଥିସୁ ଝରଝରେଇ
ଚୁଲବୁଲି ତୋର ଚଞ୍ଚଲପନକୁ
ଉଧାରି ଦୁଇବୁନ୍ଦା ନାଇଁ ଦେତୁ ମତେ ??

ଗାଆଁ ଖୁଲିଲ୍ ଆରୁ ନାଇଁ ଥିଲେ ଭି
ପକ୍କା ସଡ଼କ ଉପରେ ଉତକିଡେଗି
ଆଁଠେ ପାଏନ କରି ଯାଏତୁ ଉହୁଲି ଯେ
ସପନର ଡଙ୍ଗାଟେ ଭସାତିଁ ସତେ ।

ନାଇଁ କରବୁ ଲୋ ମାନ ଅଭିମାନ
ଭଲ ନୁହେଁ ହିଁସା,ହଁକାର,ଟାନ
ହେଇକି ରହେମା ମିତମକର ଲୋ
ଜୀବନ ଥିଲାଠାନୁ ମରନ୍ ପତେ ।।

ଭଟଲି ଛକ, ବରଗଡ଼

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ତୁମେ ଆସ ମଉସୁମୀ

ସୁଭାଷ ଚନ୍ଦ୍ର ପଣ୍ଡା

ମଉସୁମୀ ତୁମ ଆଗମନ କଥା
ଆମ୍ର କୁଞ୍ଜରେ କଥା ହେଉଥିଲେ
ବସନ୍ତ , ବୈଶାଖ ଚୁପି ଚୁପି ,
ବାୟୁ ହିଲ୍ଲୋଳରେ ଖେଳିଗଲା କଥା
ଉଦ୍ ଭ୍ରାନ୍ତ ପବନ ରେବା, ନର୍ମଦା
ଶିପ୍ରାକୁ କହିଲା ଡାକି ଡାକି ।

ପବନ କହିଲା ଦିକ୍ ଅଙ୍ଗନାକୁ
ନୀଳ ଶାଢ଼ୀ ଆଉ ପିନ୍ଧିବୁନି ଏବେ
କଳା ମେଘି ପାଟ ବିଜୁଳି ପାଢ଼ିରେ
ସୁନ୍ଦର ଦିଶିବ ତୋତେ ,
କୋଇଲି ରୁଷିଛି ମୁହଁକୁ ଫୁଲେଇ
ଆଉ ଗାଇବିନି,ଯେତେ କହିଲେ ବି ମୋତେ ।

ଜୁଇ, ଯାଇ,ହେନା ,ମାଳତୀ ମନ୍ଦାର
କଥା ହେଉଥିଲେ ତୁମେ ଆସିବାର
ମଉସୁମୀ ଆଗୋ ତୁମେ ତ ଆସିବ
ସଙ୍ଗରେ ଆଣିବ ଶୀତଳ ବାୟୁର ବେଗ ,
ଘନ ଗର୍ଜନରେ ମେଘ ପାଲିଙ୍କିରେ
ବର୍ଷାର ଆଦ୍ୟ ସମ୍ବେଗ ।

ନୀଳ ନୀର ବାସ ଜାନୁରୁ ଖସାଇ
ଶୀର୍ଣ୍ଣ ତଟିନୀ ତୁମକୁ ରହିଛି ଚାହିଁ ,
ନାଭି ପଦ୍ମକୁ ସଜାଇ ରଖିଛି
ତୁମପାଇଁ ସିନା ଆମନ୍ତ୍ରଣ ଭଙ୍ଗୀ ନେଇ ।

ବିରହିଣୀ ପ୍ରିୟା ସରାଗେ ଚାହିଁଛି
ମଉସୁମୀ ! ତୁମ ବାଟ ,
ବରଷା ଆସିଲେ ଫେରିବ ତା ପ୍ରିୟ
ମେଣ୍ଟିବ ପ୍ରତୀକ୍ଷା କଷ୍ଟ ।

ଶୀର୍ଣ୍ଣ ତନୁ ନେଇ କ୍ଷୁର୍ଣ୍ଣ ମନରେ
ବିରହ ବିଦଗ୍ଧା ପ୍ରିୟା ,
ମଉସୁମୀ ଆଗୋ ତୁମକୁ ଚାହିଁଛି
ତୁମେ ଆସିଲେ ବରଷା ଆସିବ
ବିଦଗ୍ଧ ପ୍ରାଣରେ ଆଣିବ ଆହ୍ଲାଦ ଛାୟା ।

ମନ ମଉଜରେ ଫୁଲ ଗଜରାରେ
ଅପାଙ୍ଗ ନୟନେ ଚାହିଁ ଥିବ ପ୍ରିୟ ତମେ ,
ପୁଲକିତ ତନୁ ଆବେଗ ମନରେ କହୁଥିବ ସିନା...
ଧନ୍ୟ ମଉସୁମୀ ତୁମେ,
ଧନ୍ୟ ମଉସୁମୀ ତୁମେ ।

(ରାଜ୍ୟପାଳ ପୁରସ୍କୃତ- ଅବସର ପ୍ରାପ୍ତ-ପ୍ରଧାନ ଶିକ୍ଷକ)
ଗହଗା ନରସିଂହ ପୁର ,କେନ୍ଦ୍ରାପଡା, ଓଡିଶା

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ମୌସୁମୀ ଦିଅଇ ଅମୃତ ବାରି

ତ୍ରିଲୋଚନ ପଣ୍ଡା



ବରଷକ ସାରା ଗୁପତରେ ରହି
ସିଦ୍ଧି ଲାଭ କରି ଆସଇ ଥରେ
ମୌସୁମୀ ପବନ ପ୍ରାଣୀଙ୍କ ଜୀବନ
ଯୁଗ ଯୁଗ ଧରି ଖ୍ୟାତ ସଂସାରେ ।।୧

ଅନ୍ଧାରକୁ ଗିଳି ଆଲୋକ ଓକାଳି
ଦେହ ଦାନ ଦେଲା ପରି ଦୀପାଳି
ଲବଣାକ୍ତ ପାଣି ତପ୍ତଦେହେ ଛାଣି
ମୌସୁମୀ ଦିଅଇ ଅମୃତ ବାରି ।।୨

ଦାନ ଦେଇ ଦାନ ନିଏ ନାହିଁ ତରୁ
ମୌସୁମୀ ପିଏନି ଆପଣା ଜଳ
ସନ୍ତପ୍ତ ଉତପ୍ତ ହୃଦୟେ ବରଷି
ହରି ନିଏ ହଳା-ହଳ ଗରଳ ।।୩

ପ୍ରେମୀ ଯୁଗଳଙ୍କ ଆଖି ଅନ୍ତରାଳେ
ପ୍ରାଣପ୍ରିୟ ଚନ୍ଦ୍ର ଲୁଚେଇ ରଖି
ଅଭିମାନଭରା ନିନ୍ଦା ଶୁଣେ କେବେ
କେବେ ଦୁଇ-ପ୍ରାଣ ଦିଅଇ ଯୋଖି ।।୪

ଦୂତ ସାଜି କେବେ ପ୍ରିୟା ପାଖେ ଯାଏ
ସଖା ସାଜି କେବେ ଲୁଚାଏ ଲୁହ
ଚାତକ ପାଇଁ କି ବରଷକ ସାରା
ବହୁ ପ୍ରତିକ୍ଷିତ ଅମାପ କୋହ ।।୫

କଳାଦେହେ ଛଟା ବିଜୁଳି ବଦନ
ଚମକାଏ ଚିତ୍ତ ନିମିଷେ ପାଇଁ
ଘୋର ଗରଜନ ଭୀତି ଆଣିଲେବି
ଭୀମକାନ୍ତ ଦେହୁ ପ୍ରୀତି ଝରଇ ।।୬

ବିନ୍ଦୁ ବିନ୍ଦୁ ହୋଇ ସବୁ ସ୍ୱେଦ ବିନ୍ଦୁ
ଧାର ଧାର ବହି ହୁଏ ସାଗର
ଧରି କାଳ କାଳ ମୌସୁମୀ କେବଳ
ସଂସାର ପାଳିଛି ପିଇ ଜହର ।।୭

ଯୋଗାଯୋଗ ... ୯୪୩୯୧୯୭୫୬୦

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ମୌସୁମୀ ଆଣିଛି ପ୍ରେମର ରଙ୍ଗ

ଜୟଶ୍ରୀ ପଟ୍ଟନାୟକ

ଭାଙ୍ଗିଥିବା ବାଇ ଚଢେଇ ବସା
ଗଢା ହୋଇ ସାରିଲାଣି
ଫଣି ର ରୁଦ୍ର ତାଣ୍ଡବ ପରେ
ଶାନ୍ତ ବନାନୀ, ଶାନ୍ତ ମନ
ଭଙ୍ଗା କୁଡ଼ିଆ, ଭଙ୍ଗା ମନ, ଉଜୁଡ଼ା ବନ
ଗଜାରୁ କଅଁଳେଇଲେଣି ତୁମ
ପ୍ରେମର ସାନ୍ନିଧ ରେ ।

ଆଷାଢ଼ ସିଞ୍ଚି ଚାଲିଛି ଅବିରତ ଅମୃତ
ଫଟା ମାଟି ହେଲାଣି ବତର
ଢେର ଖୁସୀ ଚାଷୀଟିଏ
ନଦୀ, ନାଳ, ପୋଖରୀ ପୂର୍ଣ୍ଣଗର୍ଭା
ତୁମରି ପ୍ରେମର ଶ୍ୟାମଳ ଛୁଆଁ ରେ ।

କର୍ମବେଦୀରୁ, ଜନ୍ମବେଦୀକୁ ଲାଗିଛି
କାଳିଆର ଔଦାର୍ଯ୍ୟ ଲୀଳା
ଗଗନ, ପବନ ପ୍ରକମ୍ପିତ
ଦ୍ୱାପର ଯୁଗୀୟ ଭାବ ଭକତିରେ ।

ରଥ କହେ ଧନ୍ୟ ହେଲି, ପଥ କହେ ଧନ୍ୟ ହେଲି
ଭକ୍ତ କହେ କୋଟି ତୀର୍ଥ ପୁଣ୍ୟ ଲଭିଲି
ପାପୀ କହେ ଦୁଃଖ ଧୋଇଦେଲି
ତପି କହେ ପରଂବ୍ରହ୍ମ କୁ ଲଭିଲି ।

ମୌସୁମୀ ଆଣିଛି ପ୍ରେମର ଗଙ୍ଗା
କାଳିଆ ଆଣିଛି ଭକ୍ତିର ଗଙ୍ଗା
ବଡ଼ଦାଣ୍ଡରେ ଗଡ଼ୁଛି ଦେଖ
ତୁମ ମୋ ଜୀବନ ରଥ
ଜନ୍ମଠାରୁ ଜୁଇ ତୁହିରେ ସାରଥୀ ।

ମୋ ପ୍ରେମର ମୌସୁମୀ ତୁ
ମୋ ଦୁଃଖର ଦରିଆ ତୁ
ମୋ ସୁଖ ଦୁଃଖର ହୁଲି-ଡଙ୍ଗା ତୁ
ମୋ ପାପର ଶ୍ୱେତଗଙ୍ଗା ତୁ
ମୋ ହସର ପହିଲି କିରଣ ତୁ ।

ତୋ ବିନୁ ଭଲ ପାଇବି କା'ରେ
ଯେଣୁ ପୃଥିବୀ ବଦଳୁଥାଏ କ୍ଷଣ କ୍ଷଣରେ
ତୋ ମୋ ସମ୍ପର୍କ କାଳ କାଳ କୁ
ତୁ ଥିଲେ ମୋ ପାଶେ ଭୟ କାହାକୁ ।

ଗଙ୍ଗନଗର, ଭୁବନେଶ୍ୱର

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଆସ ମଉସୁମୀ ଆସ

ପ୍ରଭାତ କୁମାର ନାୟକ

ଆସ ମଉସୁମୀ ମେଘ ପାଲିଙ୍କିରେ
ଶୀତଳ ସମୀର ସାଥେ ,
ଚଞ୍ଚଳା ଚପଳା ବିଜୁଳି ଅଲୋକେ
ଓଢଣୀ ଦେଇ ଗୋ ମାଥେ । ୧ ।

ତୁମରି ପରଶେ ଧରଣୀ ଓଠରେ
ଫୁଟୁ ମୃଦୁମନ୍ଦ ହସ ,
ନାଚୁ ଚଷା ପୁଅ ମଳିନ ମନ ତା'
ପୋଛି ଦେଇ ସବୁ ଲେଶ । ୨ ।

ପୂରି ଉଠୁ ନଦୀ ଶୁଖିଲା ବକ୍ଷ ତା'
ଝରୁ ଝରଣାର ଜଳ ,
ପଲ୍ଲବୀତ ହେଉ ନବ ଘନ ବନ
ନଦୀ ବହୁ କଳ କଳ । ୩ ।

ଶୁଭୁ କେଁ କେଁ ବେଙ୍ଗୁଲି ସଙ୍ଗୀତ
ବାଉଁଶ ମାରୁତା ଗଜା ,
ପବନ ବଜାଉ ସାହାନାଇ ତୁରୀ
ତେଲିଙ୍ଗି ବାଇଦ ବାଜା । ୪ ।

ହସୁ ପୁର ପଲ୍ଲୀ ନଗରାଦି ଗ୍ରାମ
ହସୁ ବନ ତରୁ ଲତା ,
ଭରି ଯାଉ ମୋର ମାନସୀ ମନରେ
ପ୍ରୀତି ଘନ ମାଦକତା । ୫ ।

ଈର୍ଷା କରିବନି ମଉସୁମୀ ତୁମେ
ପ୍ରିୟା ରୂପ କାନ୍ତି ଦେଖି ,
ମୋ କଥା ଗୁପତେ କହିବ ତା' କାନେ
ମତ୍ତି ତୁମ ଧୀର ରଖି । ୬ ।

ଟୋପା ଟୋପା ନୀର ନରମେ ଛୁଇଁବ
ପ୍ରିୟାର କୋମଳ ଅଙ୍ଗେ ,
ପୀରତି ଆମର ନାଲି ଦିଶିବ ଗୋ
ତା' ପାଦ ଅଳତା ରଙ୍ଗେ । ୭ ।

ଧୋଇ ଦେବ ତା'ର ହଳଦୀ ତନୁକୁ
ତୁମରି ଶୀତଳ ଜଳେ ,
ଖୋଲିଦେବ ଗଭା ପାଦର ପାଉଁଜି
ଭିଜାଇବ ତାଳେ ତାଳେ । ୮ ।

ତା'ତନୁ ସୁଗନ୍ଧ ତୁମ ସାଥେ ନେଇ
ଆସିବ ଝରକା ଡେଇଁ ,
ମହକି ଉଠିବ ହୃଦୟ ପ୍ରଣୟେ
ହଜି ଯାଉଥିବି ମୁହିଁ । ୯ ।

ଶୁଷ୍କ ତନୁ ମନ ଭିଜିଯିବା ପାଇଁ
ଚାହିଁ ରହିଛନ୍ତି ପଥେ ,
ଆସ ମଉସୁମୀ ମେଘ ପାଲିଙ୍କିରେ
ଶୀତଳ ସମୀର ସାଥେ । ୧୦ ।

ମଧୁପୁର,ଭଦ୍ରକ , ଓଡିଶା

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଅଙ୍ଗୀକାର

ସରୋଜିନୀ ଦାସ

ମୌସୁମୀ ତୁମେ ଆସ ....
ଧୀର ପଦ-ପାତେ ବିନା ନିକ୍ୱଣ ରେ,
ବିନା ରୋଷଣୀ ରେ..
ଖାଲି ଏକ କଳା-ମେଘି ଶାଢ଼ୀ ପିନ୍ଧି ।

କେହି ତୁମକୁ ଅନୁଭବିବା ପୂର୍ବରୁ
ବର୍ଷିଯାଅ...
ମୋ ସମଗ୍ର ସତ୍ତା କୁ ଛୁଇଁ ଛୁଇଁ ।

ମିଥୁନ ମନସ୍କ ମାଦକତା ନେଇ,
ଧୀରେ ଧୀରେ ଉତାରି ଦିଅ
ତୁମର ସେ କଳା-ମେଘି ପାଟ ।

ସାଗର ରେ ମିଶିବାର ଆଶା ନେଇ,
ନିଜକୁ ଢାଳିଦିଅ
ବତୁରା ମାଟିରେ
ଗୋଳି-ବାଟି ......
ମାଟି ଗନ୍ଧେ ମହକାଅ
କବି ପ୍ରାଣ, ସଞ୍ଚାରି
ମିଳନର ମତୁଆଲା ରାଗ।

ବିଶ୍ୱାସ ର ଗାରେ ଆଲୋକ ....
ତୁମ ମୁଖମଣ୍ଡଳକୁ ଚମକେଇବା ପର୍ଯ୍ୟନ୍ତ
ତୁମେ ସେମିତି ଡହକୁଥାଅ
ଅବିନଶ୍ୱର ଏକ ଆତ୍ମ ସିଦ୍ଧି ରେ ।

ଗୁରୁ ଗମ୍ଭୀର
ଧରା ଥରା ଗର୍ଜନ ରେ
ଅନ୍ୟକୁ ଶୁଣାଇ ଦିଅ
ଔଦ୍ଧତ୍ୟ ର ସୀମା ରେଖା ଡେଇଁ,....
ଯେ ତୁମେ ମୋର ଅନନ୍ୟ ପ୍ରେମିକା
ସେବେ ଥିଲ, ଏବେ ଅଛ ଆଉ ବି
ରହିଥିବ କାଳ କାଳ ପାଇଁ ।

ଭୁବନେଶ୍ୱର ,ଓଡିଶା

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ତୁମେ ଆସିଛ ମୌସୁମୀ

ପୁଷ୍ପିତା ଦାଶ

ମୌସୁମୀ ଆସିଛ ଧରା ପରେ ସଖି
ବର୍ଷା ବାଦଲ ନେଇ
ଚଞ୍ଚଳ ଚପଳା ବଜ୍ରର ସଙ୍ଗେ
ହୃଦ ଦିଅ କମ୍ପାଇ । ୧ ।

ଥର ଥର ଥର କମ୍ପିତ ଛନ୍ଦେ
ଶ୍ରାବଣର ଗୀତି ଗାଏ
ଆଷାଢ଼ ଆଖିରୁ ଧରାର ଦୁଃଖ
ଝରଝର ଅଶ୍ରୁ ବହେ । ୨ ।

ତପ୍ତ ଧରଣୀ ଅଷ୍ଟ ମାସରେ
ତୃଷିତ ଚାତକ ସମ
ତୁମ କୃପା ବାରି ତୃଷ୍ଣା ମେଣ୍ଟାଏ
ତୁମେ ସଖା ପ୍ରିୟତମ । ୩ ।

ବନସ୍ତେ ପାଦପ ସବୁଜ ପଣତେ
ପ୍ରାଣୀଙ୍କର କ୍ଷୁଧା ଦୂର
କୃଷକ ଆନନ୍ଦ ଜଗତର ହିତ
କାହାକୁ କରିନ ପର । ୪ ।

ତଡାଗ ତଟିନୀ ପ୍ରିୟା ନିର୍ଝରିଣୀ
ସମସ୍ତେ ଯେ ପୂର୍ଣ୍ଣଗର୍ଭା
ତୁମ ଆଗମନେ ଯୌବନର ଗୀତି
ଗାଏ ଧରା ମନଲୋଭା । ୫ ।

ଓଡିଶା

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଭାବନାରୁ କିଛି ବାଢି

ପ୍ରସନ୍ନ କୁମାର ମାଦଳା

କୋକିଳ କୂଜନ ହେବନି ସୃଜନ ଶୁଭିଲାଣି ଘଡଘଡି
ଶୀତଳି ଅନିଳ ଶୟଳ ବର୍ତ୍ତିଳ ଦିଶିବ ଲାଗିଲେ ଝଡି ,
ହେ କବି, ଲେଖିବ ନାହିଁ କି ଭାବନାରୁ କିଛି ବାଢି ?

ତପତ ପବନ ସନ୍ତାପେ ହବନ କରୁନି ଯାଉଛି ଛାଡି
ପୁଲକେ ପଲକ ଗଗନେ ଝଲକ ଖେଳଇ ବିଜୁଳି ମାଡି,
ହେ କବି, ଲେଖିବ ନାହିଁ କି ଭାବନାରୁ କିଛି ବାଢି ?

ଆଜିର ରଜରେ ନୂତନ ସଜରେ ପଦାକୁ ବାହାରି ପଡି
ଯୁବତୀଙ୍କ ମେଳେ ଯୁବକ ବି ଖେଳେ ହରଷେ ଝୁଲଣା ଚଢି
ହେ କବି, ଲେଖିବ ନାହିଁ କି ଭାବନାରୁ କିଛି ବାଢି ?

ଗହନ ବନରୁ ଚାତକ ମନରୁ ନିରାଶା ଗଲାଣି ଛାଡି
ମେଘ ଅନ୍ତରାଳେ ଜହ୍ନ ନିଶାକାଳେ ଉଙ୍କିଲାଣି ଆଖି ଫାଡି,
ହେ କବି, ଲେଖିବ ନାହିଁ କି ଭାବନାରୁ କିଛି ବାଢି ?

ସାରୁଗଛ ମୂଳେ ମିଳନ ଆକୁଳେ ଶୁଭିବ ଦର୍ଦ୍ଦୁର ରଡି
ରସିକ ପଣରେ ମଣ୍ଡୁକୀ ଗଣରେ ମୋହିବ ପ୍ରଣୟେ ପଡି,
ହେ କବି, ଲେଖିବ ନାହିଁ କି ଭାବନାରୁ କିଛି ବାଢି ?

ମାଟିରୁ ଗଗନ ସଭିଏଁ ମଗନ ଆଗତ ଉଲ୍ଲାସ ଘଡି
ନବ କିଶଳୟ ମୃତ୍ତିକା ବଳୟ ଫଟାଇ ଆସିବ ବଢି,
ହେ କବି, ଲେଖିବ ନାହିଁ କି ଭାବନାରୁ କିଛି ବାଢି ?

କୃଷକର ମନ ହେଲାଣି ଉଚ୍ଛନ୍ନ କ୍ଷେତରୁ ବାଲୁଙ୍ଗା ତାଡି
ହେବ ଗୁଜରାଣ ରୋପିଥିଲେ ଧାନ କର୍ଦ୍ଦମ ପଙ୍କାଳ ମାଡି,
ହେ କବି, ଲେଖିବ ନାହିଁ କି ଭାବନାରୁ କିଛି ବାଢି ?

ସାଥେ ବିହରଣ ଭରେ ଶିହରଣ ଯୁବାମନ ଯାଏ ଯୋଡି
ଆଲିଙ୍ଗନ ଇଚ୍ଛି ସୁହାସିନୀ କିଛି ଅଭିସାର ରଚେ ଲୋଡି ,
ହେ କବି, ଲେଖିବ ନାହିଁ କି ଭାବନାରୁ କିଛି ବାଢି ?

ନିଦାଘରେ ଭାଳି ଯାଇଛି ସମ୍ଭାଳି ସମ୍ବନ୍ଧ ଯାଇନି ଛିଡି
ବିରହିଣୀ ପରି ଉପାଧାନ ଧରି ଜୀଇଁଥିବ ବକ୍ଷେ ଭିଡି,
ହେ କବି, ଲେଖିବ ନାହିଁ କି ଭାବନାରୁ କିଛି ବାଢି ?

ରାଉରକେଲା - ଦୂରଭାଷ - ୭୯୭୮୧୯୨୨୨୭

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

କବି ଶ୍ରୀ ରମେଶ ଚନ୍ଦ୍ର ପସାଏତ୍ ଙ୍କ ସୃଜନ ସୃଷ୍ଟି ଦ୍ୱାରା " ମୌସୁମୀ " ବିଶେଷାଙ୍କକୁ ମଣ୍ଡିତ କରିଥିବା ଦୁଇଟି କବିତା :

ମୌସୁମୀର ଶୁଭ ଆଗମନ

ବାରୁଣୀ ଗଗନ କରିଣ ମଣ୍ଡନ ଘନ ଅପଘନ ସୁଶୋଭନ
ଶାନ୍ତ ସମୀରଣ ହୋଇ ବେଗମାନ ପ୍ରଚରେ ବାରତା ତ୍ରିଭୁବନ
ଜାଣି ଶୁଭଲଗ୍ନ
ମୌସୁମୀର ଶୁଭ ଆଗମନ
ପ୍ର ଚଣ୍ଡ ଚଣ୍ଡାଂଶୁ ଅଂଶୁରୁ ବିଶ୍ୱକୁ କରିବାକୁ ଆହା ପରିତ୍ରାଣ ।
ଚପଳା ପ୍ରବଳା ହୋଇ ମେଘମାଳା ମେଘମହ୍ଲାରରେ ମୋହି ମନ
ମନ୍ତ୍ର- ବାବଦୂକ ମହି ଅଭିଷେକ କରି କି କରେ ଓଁକାର ସ୍ୱନ
ନାହିଁ ଉପମାନ,
ସ୍ଫୋଟକ ଫୁଟେ କି ଘନ ଘନ
ଭାବେ ଉଲ୍ଲସିତ ଜନଗଣ ଚିତ୍ତ ଶୁଭ୍ର ସୁମନ ସୁଦରଶନ ।
ବିଚଳିତ ନୋହେ ସ୍ଥିତପ୍ରଜ୍ଞ କେବେ ବୁଝି ଅନାଗତ ଅପଚୟ
ବିଶ୍ୱାସ ବଉଦ ଜଳ-ଦାନେ ସଧ ଯେଣୁ ଦୂରକରେ ସର୍ବ-ଭୟ
ବୁଦ୍ଧି ବିବେକ ହେ !
ବଢ଼ାଏ ମୌସୁମୀ ଚିତ୍ତଥୟ
ବିଶେଷେ ହରିତ ଶସ୍ୟରେ ପୂରିତ ପୃଥ୍ୱୀ ହୁଏ ପ୍ରାଣ ରସାଳୟ ।
ସମୀରଣ ସୁରେ ଝରଝର ଝରେ ହୀରା ଝରି ମୋତି ବିନ୍ଦୁ ପରି
ସ୍ୱରଶେ ତାହାର ଅଧର ଅଧିର ବିରହ ବିଧୁର ରମ୍ୟା ନାରୀ
ସତେ କି ଓଡିଶୀ
ଛନ୍ଦେ ନାଚେ ତାର ମନ ପରୀ
ସର୍ବ ଅରି ହରି ଆନନ୍ଦ ଲହରୀ ଅନାହୁତେ ଉଠେ ପ୍ରାଣ ଭରି ।
ବେଙ୍ଗ ମାଗେ ମୁକ୍ତି, ଶିଖି କହେ ଶାନ୍ତି ,ଚାତକର ତୃପ୍ତି ଦେଖି ଘନ
କେତେ ସରୀସୃପ ହୋଇ ନାନା ରୂପ ଅବଶ ଇନ୍ଦ୍ରିୟ ପ୍ରାୟ ଛନ୍ନ
ରାତ୍ରି ଅପଘନ
ଝିଙ୍କାରୀ ଝଙ୍କାର ତମଘନ
ଖଦ୍ୟୋତିକା ଜ୍ୟୋତି ଅନାହୂତ ଖ୍ୟାତି ଲଭି ପାଏ ସିନା ସନମାନ ।
ପ୍ରଭୁ ଜଗନ୍ନାଥେ ନନ୍ଦିଘୋଷ ରଥେ ତ୍ରୈଲୋକ୍ୟମୋହିନୀ ନେତ ବାନ୍ଧି
ତାଳଧ୍ୱଜେ ପୁଣି କେତନ ଉନ୍ନନୀ ପଦ୍ମଧ୍ୱଜେ ନାଦାମ୍ବିକା ଛନ୍ଦି
ପ୍ରଭୁ ନୀଳାଦ୍ରୀଶ ,
ଏକାଳେ ଭକତ ଭାବେ ବଶ
ଦେବାକୁ ଦର୍ଶନ ପତିତପାବନ ଭିଆଣ କରନ୍ତି ଯାତ୍ରାଘୋଷ ।

ବରଷା ରାନି ଆଏଲା ରେ

ରସର୍ ମନି ମୋର୍ ବର୍ଷା ରାନି
ଉଢନା ଢାପି ଢାପି ଆଏଲାରେ
ଝିକ୍ ମିକ୍ ତାର ବିଜଲିମାଳି
ମନ୍ ମୋର୍ ମୁହି ନେଲାରେ
ସାଙ୍ଗ! ସରଗପରୀ ସେ ଆଏଲାରେ ।।

ମଳି କହରେଁ କରାଟ୍ କହରେଁ
ମାଁ ମାଏଟ୍ କହରି ଗଲା
ଶାଗୁଆ ବଟ୍ ବଟ୍ ଶାଢୀ ପିନ୍ଧି ସେ
ମୁଲୁର୍ ମୁଲୁର୍ ହଁସିନେଲା
ଶୁଁଘଲା ଲୁକର ଦେଖଲା ଲୁକର୍
ନଜରେଁ ସପନ୍ ନାଚଲା ରେ ।।

ଗୁଲଗୁଲି ଗହଦେଁ ହୋଇ ଅଥୋଥାଲି
ତନ୍ ମନ୍ କାନ୍ଦୁଥିଲା
ଅଛରା ଅଛରା ପାନି ଧୂକାର୍ସୁରେଁ
ମତେ କେତେ ହାଏ ଲାଗଲା
ଭାଖରି ଝୁରି ଧାରମୁହାଁ ହୋଇ
ସରଗକେ କାଏଁ ଚଢୁଥିଲାରେ ।।

ଚଷା ଭାଇ ମୋର ହଳର୍ ସାଙ୍ଗେ
ଗାଏବା ଗା ଜୀବନ୍ ଗୀତ୍
କାଳିଆ ମାହାପୁରୁ ରଥେଁ ଚଢି
କରବେ ବଲି ଜଗତ୍ ହିତ୍
ବରଷ୍ ଯାକର୍ ହରଷ୍ ଧରି
କଳା ବାଦଳ ଘୁଟି ଆଏଲା ରେ ....
ରସର୍ ମନି ମୋର ବର୍ଷା ରାନି
ଉଢନା ଢାପି ଢାପି ଆଏଲା ରେ ।।

ନି, ଶରଧା
ସଂସ୍କୃତ ଶିକ୍ଷକ
ନଟବର ଉଚ୍ଚବିଦ୍ୟାଳୟ,କଣ୍ଢେଇକେଲା
ଝାରସୁଗୁଡା, ମୋ :୯୭୭୭୩୯୪୫୫୮

ମୌସୁମୀ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ସେଇ ଝିଅଟି

ରଶ୍ମିତା ଦୀକ୍ଷିତ

ଈଷତ ସବୁଜ ନୟନା
ହସ ହସ , ଛଳ ଛଳ
ସେଇ ସୁନ୍ଦରୀ ଝିଅଟି
ଲାଗେ ଭାରି ଆପଣାର
ଛମ ଛମ ନାଚେ ଯେବେ
ମୋ ଘର ଅଗଣାରେ
ତୋଳି ଆଣେ ତା
ଓଠର ହସ ଫୁଲ
ସଯତ୍ନରେ ପଣତେ ସାଉଁଟି ।

ଅବୁଝା ମନୋଇ ଝିଅ
ଆସିବ ଆସିବ କହି
ଆସେ ନାହିଁ ଦିନ ଦିନ ଧରି
କଥା ଦେଇ ରଖେ ନାହିଁ
ଠିକ ସମୟରେ
ଲୁଚକାଳି ଖେଳ ତାର
ବହୁତ ପସନ୍ଦ
ଏଣେ ଆଶା ଆଶଙ୍କା ରେ
ହୃଦୟ ମୋ ଭାରି ।

ମୋ ଝରକା ସେପାଖରୁ
ଯେବେ ଦେଖାଦିଏ
ଲହରାଇ ଆସୁଛି ତା
ସବୁଜ ସମ୍ଭାର
ଶ୍ୟାମଳୀ ସୁନ୍ଦରୀ ଠାରୁ
ଆଖି ଫେରେ ନାହିଁ
ଅଦମ୍ୟ ପିପାସା ବଢେ
ଟିକେ ଛୁଇଁବାର
ଭଲ ଲାଗେ ତାକୁ
ଖେଳିବାକୁ ମୋ ବନ୍ଧୁର
ଶୁଷ୍କ ପ୍ରାଙ୍ଗଣରେ
ମୁଁ ବି ଆଶାୟୀ ଥାଏ
ଦିନ ଗଣୁଥାଏ
ଭିଜିବାକୁ ତା ଶୀତଳ ଛୁଆଁରେ ।

ଚୁଲ ବୁଲି ଚଗଲି ଝିଅଟି
ଏଇ ଅଛି ଏଇ ନାହିଁ
ବେଳେବେଳେ ଶୂନ୍ୟ କରିଦିଏ
ଆଶା ର ଆକାଶ
ପ୍ରତୀକ୍ଷା ମୋ ଋତୁ ଚକ୍ର ବ୍ୟାପି
ତା ସହିତ ଭାବ ମୋର
ଅନନ୍ତ କାଳରୁ
ପ୍ରେମ ତାର ମୋ ପାଇଁ
ଅନ୍ତହୀନ ଶୋଷ
ଆଶାୟୀ ଆଖିର ଭାବ
ପଢିବାରେ ଭାରି ଧୁରନ୍ଧର
ଅଭିମାନ ଭାଙ୍ଗିଦିଏ
ସଜଳ ସ୍ପର୍ଶ ରେ
ମୋର କପାଳ କୁ ଚୁମି
ସିଏ ମୋର ସବୁଜ ସୁନ୍ଦରୀ
ଯାକୁ ପାରେ ନାହିଁ ଧରି
ଦେଖିଛ କି କେହି ?
ସେଇ ଝିଅଟିକୁ
ନାଁ ତା ' ମୌସୁମୀ'

ସହ ଶିକ୍ଷୟିତ୍ରୀ
୪୨ , ମୌଜା , କଟକ



ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

କବି ଶ୍ରୀ ଡମ୍ବରୁଧର ବାଗ ଙ୍କ ସୃଜନ ସୃଷ୍ଟି ଦ୍ୱାରା " ମୌସୁମୀ " ବିଶେଷାଙ୍କକୁ ଋଦ୍ଧିମନ୍ତ କରିଥିବା ଦୁଇଟି କବିତା :

ତୁମେ ଆସିଲା ପରେ

ମୌସୁମୀ ଆସିଲେ ତନୁ ମନ ମୋର
ହୋଇଥାଏ ଶିହରଣ ।
ମନେ ପଡିଯାଏ ଅତୀତର ସ୍ମୃତି
ଉଜ୍ଜୀବିତ ହୁଏ ପ୍ରାଣ।
ଆସିଲେ ମୌସୁମୀ ନିଦାଘର ଦୁଃଖ
ସବୁ ଯାଏ ଅପସରି ।
ଟୁପୁରୁ ଟାପୁରୁ ବରଷାର ସୁରେ
ପାଦ ନାଚେ ଥିରି ଥିରି ।
ବରଷା ଆସିଲେ ଆକାଶରେ ମେଘ
ଦଳ ଦଳ ହୋଇ ଭାସେ ।
ବିଜୁଳି ଚମକେ ଘଡଘଡି ଶବ୍ଦେ
ମୟୁର ମୁରୁକି ହସେ।
ସାରୁ ବୁଦା ମୂଳେ ରାଣୀ ବେଙ୍ଗୁଲୀଟା
କେଁ କଟକଟ କରେ ।
ଶାଗୁଆ କ୍ଷେତରେ କୃଷକ ଭାଇନା
ଗୀତ ଗାଏ ଆନନ୍ଦରେ ।
ଆସିଛି ଶ୍ରାବଣ ବରଷାର ଧାରେ
କହେ ମୋ ଅଳସୀ ପ୍ରିୟା ।
ବରଷାରେ ଭିଜି ସ୍ମୃତିକୁ ସାଉଁଟେ
କେଡେ ଆନନ୍ଦରେ ଆହା !
କୀଟ ତରୁ-ଲତା ନିଦାଘର ତାତି
ଯାଇ ତ ଥିବେଣି ଭୁଲି ।
ଶାଗୁଆ ପାଟରେ ଧରଣୀ ରାଣୀ ଯେ
ହସୁଥାଏ ଖିଲି ଖିଲି ।

****



ଅସାର ଝଞ୍ଜାର

କଳିଆ ବାଦଲ୍ ସଙ୍ଗେ ଧରି
ଆଇଛେ ମୌସୁମୀ ରାନୀ ।
ମନ କଲେ ଛନ୍ ଦରଲି ଦେବା
ସଜ୍ ହେଇଥା ନନୀ।
ବିଜଲୀ ମାରବା ଦିଗିଲ୍ ଦାଗାଲ
ଗର୍ଜି ଯିବା ଖୁଏଲ୍ ।
ଘଡ଼ଘଡ଼ି ଆର୍ ଚଡ୍ ଚଡିଥି
ହେଇଯିବା ହାଡ୍ ଫେଲ୍ ।
ଦୋରୋ ଦୋରୋ ପାଏନ୍ ରୁକାବା
ଭରିଯିବା ନୁଏନ୍ଦ୍ ଜୋର୍ ।
ବନେ କରି ଧନ ଛେନ୍ ଛିଏଇ ଥା
ଘର୍ ଗଲବା ତୋର୍ ।
ନେଇ ଡରବୁ ଘଡଘଡି କେ
ଦମ୍ ଧରି ତୁଇ ଟାକବୁ ।
କାଦୋ ଚିକଲର୍ ଅନ୍ଧାର ରାତି
କୁରିଆ ଭିତରେ ଥିବୁ ।
ଅସାର ଝଞ୍ଜାର ଦିନରେ ନନୀ
ନୁଏନ୍ଦ ନାଲ୍ ଥିବା ଭରତି ।
ଗାଧି ଗଲା ବେଲେ ତରକି ଥିବୁ
ସରଲି ନେଇ ଯିବୁ ବାଟଥି।
ଝକେର ପାନିଥି ନେଇ ଭିଜବୁ ଧନ
ଆନବା ତୋକେ ଜର୍।
ଜର୍ ହେଲେ ତୋକେ କିଏ ଦେଖବା
କିଏ କହେବା ମୋର୍ ।

ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି
ଫୋନ - ୮୬୩୭୨୧୨୩୦୧

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଶୁଭ ସମ୍ବାଦିନୀ ଶ୍ରାବଣ

ଦୀପକ କୁମାର ଦେ

ଚାତକ ଅଧରେ କୁରଙ୍ଗ ନୟନ
ଭବଲୋକେ କରେ ଅବଗାହନ ,
ଏକାନ୍ତେ ଆସିଛି ସୁପ୍ରିୟା ଶ୍ରାବଣ
ଗିରିଷମ ଅନ୍ତେ କରିବ ରମଣ ।
ଚନ୍ଦ୍ରିକା ଧବଳ କାବ୍ୟ ଭାବ ଜଡିତ
ବିରଚେ ବାଦର ପୀୟୁଷ ସମ୍ମିତ।

ଉଦୀଚୀ, ପ୍ରତୀଚୀ,ପ୍ରାଚୀ ଅବାଚୀ
ଝରଇ ଝରଝର ସୁଧା ସ୍ରୋତ ସିଞ୍ଚି
ସୁମଧୁରେ ଶିଖଣ୍ଡୀ ପୁଛେ ବିଞ୍ଚି
କଦମ୍ବ ମୂଳେ ମଲ୍ଲୀକା-ଚଇତି ବୀଚି
ଦିଗସୀମନ୍ତିନୀ ସପ୍ତମେଘ ବ୍ୟପଦେଶେ
ସରଗ ସୁଷମା ନବୀନ ବାକ୍ୟେ ଭାଷେ।

କାନ୍ତ ଘନରସ ରୋପଇ ନିର୍ଭୟ ଅଭୟ
ମରତେ ବିମୋହିତ ତରୁଲତାତୟ
ବିସ୍ମିତ ପାଦପ,ପୁଷ୍ପରାଜି ହୁନ୍ତି ଅଥୟ
ଗାଢେ ସ୍ରବିତ ଜୀମୂତ ଇନ୍ଦ୍ରଚାପମୟ,
ଘନ ନଭମଣ୍ଡଳେ କୃଷ୍ଣ ଧବଳ ବଉଦ
ଚପଳ ଚପଳା ସାଥେ କୁଳିଶ ଶବଦ।

ନଳିନୀବାଳା ପ୍ରଭାତୀ ବାରିଧର ସ୍ୱନେ
ଉଷ୍ମ ଉନ୍ମାଦିତ ମୃତ୍ୟୁହୀନ ସ୍ପନ୍ଦନେ
ନବ ତରୁଣୀ ,ମେଘାଙ୍କୁର ବାତ୍ୟାୟନେ
ଅପଲକେ ଭାଳେ ଇନ୍ଦୁ-ରବି ମିଳନେ;
ତୃପ୍ତିକର ଶୁଭ ଗୀତି ତୃପ୍ତ ପ୍ରାବଲ୍ୟେ
କୋମଳ ବାରିଜଳେ ତନୁ ପଖାଳେ।

ମଜାଇ ମନ ହିଲ୍ଲୋଳ ସଙ୍ଗୀତ ଡାକେ
ଲିହୁଥାଏ ଚିଟାଉ ନଳିନୀପ୍ରଭା ସ୍ତବକେ।
ନୀଳ ସମ୍ମୋହନେ ଘନ ଶ୍ୟାମଳ ଚିବୁକେ
କନ୍ଦର୍ପ କାଳିକା ଦମକେ କୌତୁକ କୌତୁକେ।
ପ୍ରେମ-ପ୍ରଣୟ- ସପନେ ବାରି କୁସୁମ ବର୍ଷଣ
ମନ୍ଦାକ୍ଷେ ଆସଇ ଶୁଭ ସମ୍ବାଦିନୀ, ଶ୍ରାବଣ ।

【**ଶବ୍ଦାର୍ଥ** : କୁରଙ୍ଗନୟନ -ହରିଣ ଆଖି,
ଅବଗାହନ -ସ୍ନାନ କରିବା ,
ବିରଚି ବାଦର - ଶୁଭ ସମାଚାର ଆଣିବା ,
ଉଦୀଚୀ -ପୂର୍ବ ,ପ୍ରତୀଚୀ-ପଶ୍ଚିମ , ପ୍ରାଚୀ-
ଉତ୍ତର , ଅଦୀଚୀ -ଦକ୍ଷିଣ , ବ୍ୟପଦେଶେ -
ଗହଣରେ ଶିଖଣ୍ଡୀ –ମୟୁର,ଜୀମୂତ –ମେଘ,
ଇନ୍ଦ୍ରଚାପ -ଇନ୍ଦ୍ରଧନୁ ,
କାନ୍ତ ଘନରସ -ସୁନ୍ଦର ମେଘଜଳ/ସ୍ୱାମୀର
ଶୃଙ୍ଗାର ରସ , କୁଳିଶ -ବଜ୍ର ବା ଘଡଘଡ଼ିଁ ,
କନ୍ଦର୍ପ କାଳିକା -କଳାମେଘ ,
ମନ୍ଦାକ୍ଷେ –ଲଜ୍ଜାରେ) 】

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଶାଗୁଆ ଜହ୍ନ

ଅମ୍ବିକା ସ୍ୱାଇଁ

ସଜ ବାଜ ହୋଇ ଆସିଲା ମୌସୁମୀ
ସାଥେ ଆଣିଲା ମେଘକୁ ତୋଳି
କମ୍ପିଲାଣି ଆମ ଧରଣୀ ରାଣୀ
ଖଣ୍ଡ ଖଣ୍ଡ ବାଦଲ ହେଲେଣି ମେଳି ।।

ରୌଦ୍ ଦଗ୍ଧ ମୃତ୍ତିକା ଚାହିଁଥିଲା
ଜଳ ଜଳ ଚାତକର ନୟନେ
କେତେ ବେଳେ ଆମ ମେଘମାଳା
ଉଭା ହେବ ଉକ୍ତ ଉପବନେ ।।

ମୌସୁମୀ ଆଗମନେ ଧରା ଶୀତଳ
ମେଘ ଢାଳି ଲାଣି ଠପ୍ ଠପ୍ ଜଳ
ଭିଜେଇଲା ମନ ଭିଜେଇଲା ତୃଣ
ଚତୁର୍ଦିଗେ ଚମକିଲା ଶାଗୁଆ ଜହ୍ନ ।।

ମାଟି ମା ହସିଲାଣି ଖିଲି ଖିଲି ହୋଇ
ସବୁଜ ଗାଲିଚା ଦେଲାଣି ବିଛାଇ
ବରଷା ରାଣୀ କୁ କରୁଛି ଗୁହାରୀ
ଢାଳି ବୁନି ତୁଇ ଆମାପିତ ବାରି ।।

ନଈ ବଢ଼ି ଦୁଃଖ ଆଣି ବୁନି ତୁହି
କହୁଛି ତୋତେ ମୁଁ, ମୋ ରାଣ ଦେଇ
ଉଜୁଡି ନ ଯାଉ ସଂସାର କାହାର
ପେଟ ଭରୁ ଥାଉ ସଭି ଜନଙ୍କର ।।

ଆଲୋ" ମୌସୁମୀ ଆସୁ ଥାଆ ଏମିତି
ବାଣ୍ଟି , ଚାଲି ଯାଆ , ମିଠା ମିଠା ସ୍ମୃତି ।।

ଭୁବନେଶ୍ୱର ଓଡ଼ିଶା

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର



ମୋ ବାଲ୍ କୋନି ରୁ ବର୍ଷା ଋତୁ

ସୁଧିରାଜ ରାଉତ



ବାହାରେ ଏବେ
ବର୍ଷା ବର୍ଷୁଛି ...
ବାଲ୍ କୋନି ରେ ମୁଁ
ସାଇତା ଗଛରେ ପାଣି ଦେଉଛି ।

ବାହାରେ ଏବେ
ବର୍ଷା ବର୍ଷୁଛି ...
ଶାଶୁ ଟିଭିରେ ଭିଜୁଥାନ୍ତି
ସ୍ୱାମୀ ଲାପଟପ୍ ଧରି
ଅଫିସ୍ କାମରେ ଭିଜୁଥାନ୍ତି
ଝିଅ ମୋବାଇଲ୍ ରେ ଭିଜୁଥାଏ ।

ବାଲ୍ କୋନି ରୁ ବର୍ଷାକୁ ଚାହିଁଲି
ବାଲ୍-କୋନି ରୁ ବର୍ଷାକୁ ଛୁଇଁଲି
ବାଲ୍ କୋନି ରୁ ଦେଖିଲି...
ଇଲେକ୍ଟ୍ରୀ ତାରରେ
କପୋତ , କପୋତି
ନୀରବେ ବସିଛନ୍ତି
ନୀରବେ ଭିଜୁଛନ୍ତି ।

ଈର୍ଷା ହେଲା
ଇଛା ହେଲା
ଧାଇଁଯିବି ଛାତକୁ
ଭିଜି ଭିଜି କହିବି
"ମୁଁ ବି ଭିଜି ପାରେ ପକ୍ଷୀ " ।

ଏବେ
ଆଞ୍ଜୁଳାରେ
ବୁନ୍ଦା ବୁନ୍ଦା ବର୍ଷା ଧରୁଥାଏ
ଭାବୁଥାଏ -
ବାଲକୋନୀରୁ
ବର୍ଷାରେ ଭିଜୁଥିବା
କପୋତ, କପୋତି ଦେଖି
ଈର୍ଷା ଲାଗେ,
ଉଠି ଆସୁଥିବା
ଉଚ୍ଚା ଉଚ୍ଚା କୋଠା ଦେଖି
ଈର୍ଷା ଲାଗେ,
ବାଲ୍ କୋନି ରୁ ତଳକୁ ଚାହିଁ
ଚକ୍ ଚକ୍ ନୂଆ କାର୍ ଦେଖି
ଈର୍ଷା ଲାଗେ । ...

ବାଲ୍ କୋନି କଣ
ମଣିଷ ଈର୍ଷାର ମଣ୍ଡପ ?

ହାତରେ
ବୁନ୍ଦା ବୁନ୍ଦା ବର୍ଷା ଏବେ
ହେଲାଣି ଆଞ୍ଜୁଳାଏ ବର୍ଷା ।

ଆଞ୍ଜୁଳାଏ ବର୍ଷା ନେଇ
ମୁହଁ-ଧୋଇ
ଛାତିକୁ ଟିକେ କଲି ଓଦା ।

ଏବେ
କପୋତ, କପୋତି
ଘର ପୋଷା ପାରା ଲାଗୁଥିଲେ,
ଉଚ୍ଚା ଉଚ୍ଚା ଘର ସବୁ
ଆତ୍ମୀୟ ଲାଗୁଥିଲେ,
ଚେନାଏ ଦିଶୁଥିବା ଆକାଶ
ଅସୀମଙ୍କ ଆଖି ଲାଗୁଥିଲେ ।

ବର୍ଷାଋତୁ
ମୋ ବାଲ୍ କୋନି ରୁ ଏବେ
ଈର୍ଷା ଧୋଇବାର ଋତୁ ।

ଇନ୍ଦ୍ରାବତୀ ,ନବରଙ୍ଗପୁର

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ବର୍ଷା

କସ୍ତୁରୀ ଚରଣ ରାଉତ

ଶ୍ରାବଣ ମାସରେ ଆକାଶ ଆଖିରେ
ଅସରା ଲୁହର ଧାର
ବରଷା ରୂପରେ ଧରା ବୁକୁ ପରେ
ଝରୁଅଛି ଝରଝର ।

ନିଜ ପୁଚ୍ଛ ଟେକି ନାଚୁଥାଏ କେକୀ
କଳା ବଉଦକୁ ଚାହିଁ
ବରଷାର ଧାରା ସୁଖର ପସରା
ଜୀବ ଜଗତର ପାଇଁ ।

ଛୋଟ ଛୋଟ ଛୁଆ କେତେ ଖୁସି ଆହା
କାଗଜର ଡଙ୍ଗା ଧରି
ଚଷାପୁଅ ମନ ଭାରି ଛନଛନ
ଚାଷବାସ କୁ ସୁମରି ।

ହଳିଆ ଗୀତର ସୁମଧୁର ସୁର
ଅଦୂର ବିଲରୁ ଶୁଭେ
ମୟୂର ପୁଚ୍ଛରେ ମେଘର ମହ୍ଲାର
ଖୁସିରେ ମଣ୍ଡୁକ ରାବେ ।

ଚାତକର ମନ ହୁଏ ଛନଛନ
ପ୍ରଣୟ ସଙ୍ଗୀତ ଗାଇ
ୟୁଇ,ଯାଇ, ମଲ୍ଲୀ,କଦମ୍ବ ,ନିଆଳୀ
ହସେ ବାସ ଚହଟାଇ ।

ବରଷାର ଜଳ ହୋଇଲେ ପ୍ରବଳ
ଅସମ୍ଭାଳ ନଈନାଳ
ହୋଇ ଗତିଶୀଳ ଲଙ୍ଘି କରେ କୂଳ
ଜଳାର୍ଣ୍ଣବ ସମତଳ ।

ତଥାପି ବରଷା ଜୀବନର ଆଶା
ଧରଣୀର ମଧୁବାସ
ସୁଖର ଆସର ତା' ଅମୃତ ଧାର
ସାଧବ ବୋହୁର ବେଶ ।

****

ଶିକ୍ଷକ, ସତ୍ୟବାଦୀ ହାଇସ୍କୁଲ
ଧଣ୍ଡାମାଳ, ଦେଓଗାଁ, ବଲାଙ୍ଗିର
ମୋ.୯୯୩୭୯୮୨୮୪୬

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମୌସୁମୀ !

ବୀଣାପାଣି ରାଏଗୁରୁ

ମୌସୁମୀ,
ସେ ତ ସଜ ଗୋଲାପର ମଧୁର ସ୍ପର୍ଶ,
ବିଧୁରା ଆଖିର ସ୍ୱପ୍ନ ସଂଦେଶ
କଅଁଳ ଜହ୍ନ ର ଶୀତଳ ଜ୍ୟୋସ୍ନା
ଜହ୍ନି, ସେଫାଳି ର ମଧୁର ବାସ୍ନା ।।

ସିଏ, ଧରା ର ପ୍ରଥମ ଧାରା କୁଆଁରୀ
ଜୀବନ ପକ୍ଷୀ ର ସୁର ପହିଲି,
ବାରି ସେ ବାଉଳୀ ବରଷା ରାଣୀ
ମାଟି ଆକାଶ ର ଜୀବନ ମୁଣୀ ।।

ଯେବେ ,ଧରା ଛୁଏଁ ମାଟି ତୋଳେ ପୁଲକ
ଆକାଶ ଆଖିରେ ଖେଳେ ଝଲକ,
ସଂଗମ ଆଶାରେ ବିଧୁର ମାଟି
କେତେ ଚୁମା ପ୍ରେମ ଆଣେ ସାଉଁଟି।।

ମୌସୁମୀ,
ଶବ୍ଦ ରେ ନୁହେଁ ସେ ଅର୍ଥରେ ଆସେ
ମାଟି ର ଓଠରେ ଅମୃତ ବର୍ଷେ
ସୃଜନୀ ସ୍ୱପ୍ନରେ ଜୀବନ ଆଙ୍କି
ଶେଷ ଅବଶେଷ ନ ରଖେ ବାକି ।।

ତରିତୋ, କିଶୋର ନଗର, କଟକ
ମୋ :୯୪୩୮୦୫୪୯୫୫

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଆସ ମୌସୁମୀ ଆସ

ଶୁଭେନ୍ଦୁ ସାହୁ

ଅସହ୍ୟ ହେଲାଣି ଗ୍ରୀଷ୍ମ ଯାତନା
ପ୍ରଚଣ୍ଡ କିରଣେ ଧରଣୀ ବିବର୍ଣ୍ଣା,
ଶୁଷ୍କ ତରୁଲତା ପ୍ରମାଦ ଗଣନ୍ତି
ଜନ ଜୀବନର ଦୁଃଖ ଅସରନ୍ତି ।

ଗଗନେ ପବନେ ଅନଳର ଝଡ଼
ବିରହ ବେଦନା ଭାଙ୍ଗେ କୁଳ ବାଡ଼,
ମିଳନ ମୁହୂର୍ତ୍ତ ଦୂରେଇ ଯାଉଛି
ଜଳଦର ଦୁଃଖ କିଏ ବା ବୁଝୁଛି ।

ଅଭିସାରିକା ଗୋ ! ଆଶାଢ଼ୀ କନ୍ୟା
ତୁମରି ବିହୁନେ ଧରିତ୍ରୀ ଶୂନ୍ୟା,
ଅଭିମାନ ତେଜି ଅବିଳମ୍ବେ ତୁମେ
ବାହୁ ବନ୍ଧନରେ ଲେଟିଯାଅ କାମେ ।

ଅଙ୍ଗେ ଅଙ୍ଗେ ତୁମ ମାଦକ ପରଶେ
ବୁଣି ଦିଅ ପ୍ରୀତି ସୁମନ ହରଷେ,
ଆମରି ମିଳନେ ଜଗତ କଲ୍ୟାଣ
ଭବିତବ୍ୟ ଏହା ବିହିର ଭିଆଣ ।

ଝରି ଝରି ଯାଉ ପ୍ରଣୟର ସୁଧା
ପଲ୍ଲବିତ ହେଉ ଶୁଷ୍କ ବସୁଧା,
ମୋ ଜୀବନ ଦୀପ ନିର୍ବାପିତ ହେଲେ
ହସି ହସି ଯିବି ଜଗତର ଭଲେ ।

ଜଟଣୀ ,ଖୋର୍ଦ୍ଧା

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ନାରୀକବି କମଳିନୀ ଦେବୀ ଙ୍କ ସୃଜନ ସୃଷ୍ଟି ଦ୍ୱାରା "ମୌସୁମୀ" ବିଶେଷାଙ୍କ କୁ ଅଳଙ୍କୃତ କରୁଥିବା ଦୁଇଟି କବିତା :

ଆ'ଲୋ ବର୍ଷା

ବର୍ଷା ରାନୀ ଲୋ ବର୍ଷା ରାନୀ
ଆ ଉଢି ମେଘ୍ ପନତ୍ କାନୀ
ଝୁପୁର୍ ଝାପୁରୁ ବର୍ଷି ଦେ
ଧର୍ତି ମାଆର୍ ଶୁଖା ମୁହୁକେ
ଭଲ୍ କରି ଘାଏ ଭିଜେଇ ଦେ ।।

ଖରା ମାସର୍ ଧୁକା ଗରେଲ୍
ଝାଉ ପବନ ଖାଇକରି
ଶୁଖିଯାଇଛେ ମୁହୁଁର୍ ଚେହେରା
ହାଡ୍ ପଞ୍ଜରା ହେଉଛେ ବାରି ।।

ଫିକା ପଡିଛେ ଦେହର୍ ବରନ୍
ନାଇଁ ରୁଚୁଛେ ଅରନ୍
ହାତେ ଗୁଡେ ତାର୍ ବଫୁ ନାଇଁ ନ
ଡାକେ ଭଗବାନ ରଖ ଶରନ୍ ।।

ଶାଗୁଆ କପଟା କାହିଁ ହଜିଗଲା ନ
ଠାନ୍ ଠାନ୍ ହେଇଛେ ଚିରି
ତୁଇ ଏକା ତାର୍ ଆଶ୍ ଭରସା
ଲଗେଇ ଦେ ନ ଘାଏ ଝରି ।।

ପାଆଁଲି ଉଠବା କପଟା ତାର୍
ଫୁଟବା ଫୁଲର୍ ଧଡି
ପାଇଲେ ତୋର୍ ହାତର୍ ପରଶ୍
ବଢବା ତାର୍ ସୁଖ୍ ଶିରୀ ।।

ଶରାବନର୍ ସୋମବାର୍ ଥିଁ
ଜିବା ପାଏନ୍ ଭାର୍ ଧରି
ଜଟିଆ ବାବାର୍ ଦେଉଲ୍ କେ
ହର୍ ହର୍ ବୋଲ୍ ବମ୍ କରି ।।

ପାଏନ୍ ଢଲାବା ଭୋଲାର୍ ମୁଡେ
ଗୁହାରି ଜନାବା କେତେ
ସଦ୍ ବୁଦ୍ଧି ଦିଅ ମୋର୍
ଛୁଆମାନକେ
ଇ ବର୍ ଦିଅଗୋ ମତେ ।।

ଇଉନିଟ୍ -୬
ଭୁବନେଶ୍ୱର

ବର୍ଷା ସୁନ୍ଦରୀ

ସ୍ୱର୍ଗ ସୁନ୍ଦରୀ ଅପସରୀ ତୁମେ
ମର୍ତ୍ତ୍ୟର ବର୍ଷା ବଧୂ ଗୋ
ତୁମେ ଅନୁପମା ଚପଳ ଛନ୍ଦା
ବାରି ଧାରେ ଝରେ ମଧୁ ଗୋ ।।

ଓହ୍ଲାଇ ଆସ ଘନରୁ ଭୂମିକୁ
ଛୁଇଁ ଛୁଇଁ ସମୀରଣ
ତୁମ ଆଗମନେ ଶିହରଣ ଖେଳେ
ଉଲ୍ଲସିତ ତନୁ ମନ ଗୋ ।।

ଚାହିଁ ରହିଥାନ୍ତି ସକଳ ସୃଷ୍ଟି
ଚରା ଚର ପ୍ରାଣୀ ଯେତେ
ଜଳ ସ୍ଥଳ ଗିରି ପ୍ରତି ପ୍ରାଣରେ
ଉନ୍ମାଦନା ଖେଳେ କେତେ ଗୋ ।।

ସକଳ ଜୀବର ଜୀବନ ଦାୟିନୀ
ତୁମେ ପିୟୁଷର ଧାରା
ତୁମ ଆଗମନେ ପ୍ରତି ମନେ ପ୍ରାଣେ
ପୁଲକିତ ହୁଏ ଧରା ଗୋ ।।

ଚପଳା ଚମକେ ଅଶନୀ ଗରଜେ
ବେଙ୍ଗ ହୁଳହୁଳି ଦିଏ
ଟୁପୁରୁ ଟାପୁରୁ ଛନ୍ଦ ତୋଳି ତୁମେ
ଆସୁଛ କୁହ ସେ କିଏ ଗୋ ।।

ଶକ୍ରଚାପ ଦିଶେ ଦିଗ୍ ବଳୟେ ସେ
ସପତ ରଙ୍ଗରେ ଶୋହେ ଗୋ
ତୁମ ଆଗମନେ ପ୍ରକୃତି ସୁଷମା
ନବ ନବ ବେଶେ ମୋହେ ଗୋ ।।

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଏବେ ବାହାରେ ନିର୍ଧୂମ ବର୍ଷା

ସାବିତ୍ରୀ ପୁରୋହିତ

ଏବେ ବାହାରେ
ନିର୍ଧୂମ ବର୍ଷା
ଭିତରେ ବି ।।

ଜାଣେ...
ରାତି ଆଜି
ଏମିତି ମଉଳିବ
ଲାଇଟ୍ ପୋଷ୍ଟ୍ ସହ
ସାରାଟା ରାସ୍ତା ଭିଜୁଥିବ
ହସପିଟାଲ୍ ବାରଣ୍ଡାରେ
ପାଗଳୀ ଟା ଓପାସ ରହିବ ।।

ଆରେ ଦେଖନା....
ବାହାରେ ନିର୍ଧୂମ ବର୍ଷା
ଏଯାଏଁ ଛତା ଆଉ ବର୍ଷାତିର ମୋହ
ଯାହା ଗଲାନି ତୁମର
ଏବେ ବି ଭିଜିବାକୁ ସତେ
ଏତେ ଡର !!

ମତେ ଦେଖ....
କୋଉ କାଳୁ
ଭିଜି ବତୁରୀ ସାରିଛି ମୁଁ
ତୁମ ଆଗ୍ରହରେ
ଏବେ ବର୍ଷାତି ନା ଆଉ କିଛି
ଲୋଡ଼ା ନାଇଁ ମୋର
ବର୍ଷା ସହ ତୁମ ଓଦାପଣରେ
ବରଂ ସରସର ହେଉ
ମୋର ସମଗ୍ର ଆୟୁଷ୍କାଳ ।।

।। ସମ୍ବଲପୁର ।।

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ଡକ୍ଟର କୃତ୍ତିବାସ ନାୟକ ଙ୍କ ଦୁଇ ସୃଜନ ସୃଷ୍ଟି " ମୌସୁମୀ " ଓ " ବରଷା ରାଣୀ ର ପାଉଁଜି ଶବଦ.. " (ଗୀତି କବିତା)

ମୌସୁମୀ

ତୁମ ବାଟ ଚାହିଁ ରହିଥିଲି ମୁହିଁ
ମୌସୁମୀ ପ୍ରିୟତମ ,
ତୁମରି ଛୁଆଁରେ ଚିହ୍ନିକି ଉଠିଛି
ମୋର ମନ ଆଉ ପ୍ରାଣ ।0 । (ଘୋଷା)

ଗତ ଥର ତୁମେ କହିଥିଲ କାନେ
ସଅଳ ଆସିବ ଫେରି,
ଆସିବା ପଥକୁ ଚାହିଁ ବସିଥିଲି
ପୁରୁଣା ସ୍ମୃତିକୁ ଝୁରି ।
ଆମରି ମିଳନେ ସିକ୍ତ ହେଉ ଧରା
ନାଚି ଉଠୁ ଫୁଲ-ବନ । (୧)

ବିରହ ବେଦନା ସହିଛି ଯେତେ ମୁଁ
ତାକୁ ତ ଯାଇଛି ଭୁଲି ,
ତୁମ ଇସାରାରେ ମେଘ ସବାରୀରେ
ଆସିଛି ମୁଁ ଝୁଲିଝୁଲି ।
ତୁମ ପରଶରେ ବରଷି-ବରଷି
ଜୀବନ ହୋଇଲା ଧନ୍ୟ । (୨)

ତୁମପାଇଁ ସିନା ମୋର ତନୁ-ମନ
ତୁମ ପାଇଁ ମୋ ଜୀବନ,
କୋଟି ଜନମ ରେ ତୁମ ସାଥେ ମୋର
ହେବ ଏମିତି ମିଳନ ।
ଆସିବି କହିବ ଯିବି କହିବନି
ରହିଲା ବରଷା ରାଣ । (୩)

ବରଷାରାଣୀ ର ପାଉଁଜି ଶବଦ..

(ମେଘର ପ୍ରେମଗୀତ)

ବରଷାରାଣୀ ର ପାଉଁଜି ଶବଦ ରୁଣୁଝୁଣୁ ହୋଇ ବାଜେ ,
ସାତରଙ୍ଗ ନେଇ ଇନ୍ଦ୍ରଧନୁ ତୁମ ମଥାର ଓଢଣି ସାଜେ ।0।
(ଘୋଷା)

ଏଇମିତି ଦିନେ ବରଷାରେ ଭିଜି ତୁମେ ଯାଉଥିଲ ଏକା,
ଅଜଣା ଅଚିହ୍ନା ହେଲେ ବି ଆମେ ହୋଇଯାଇଥିଲେ ଦେଖା ।
ଆଖିରେ ଆଖିରେ କଥା ହେଇଥିଲେ ସେ ଆଖିକୁ ମନ ଖୋଜେ
ବରଷାରାଣୀ ର ପାଉଁଜି ଶବଦ ରୁଣୁଝୁଣୁ ହୋଇ ବାଜେ.... ।-
(୧)

ଆଉଥରେ ତୁମେ କଥା ଦେଇଥିଲ ଭେଟିବା ଥରକୁ ଥର ,
ସେହି ଦିନ ଠାରୁ ନିଜକୁ ହଜେଇ ହେଇଗଲି ମୁଁ ତୁମର ।
ଆଜି ଦୂରେ ଥାଇ ତୁମ କଥା ଭାବି ଥରକୁ ଥର ମୁଁ ହଜେ ।
ବରଷାରାଣୀ ର ପାଉଁଜି ଶବଦ ରୁଣୁଝୁଣୁ ହୋଇ ବାଜେ..... । -
(୨)

ଶୈଳଶ୍ରୀ ବିହାର
ଭୁବନେଶ୍ୱର. ୭୫୧୦୨୧

ମୌସୁମୀ ବିଶେଷାଙ୍କ

ସୃଜନୀ ପରିବାର (ଚେନ୍ନାଇ)

ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା

ହିରଣ୍ମୟୀ

ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ବର୍ଷା ତୁମେ ଆସ

ସୁଷମା ପରିଜା

ରୁଣୁଝୁଣୁ ତୁମ ପଦ ନୂପୁର ନିକ୍ୱଣ ମନେ ଭରେ ପ୍ରିୟ ସଙ୍ଗ ଆଶା
ତୁମ ସାଥେ ଆଣି ଶୀତଳ ସମୀର କର ତୁମେ ପିୟାସୀ ଗୋ ବର୍ଷା ॥

କଜଳ ମେଘର ଛାତିରେ ଦିଶେ ଯେବେ ସୁନାରଙ୍ଗ ବିଜୁଳି ଚମକ
ତନୁ ମନ ହୁଏ ଶିହରିତ, ବିରହିଣୀ ଲୋଡୁଥାଏ ପ୍ରିୟଜନ ବକ୍ଷ ।।

ବର୍ଷା ର ପହିଲି ପରଶେ ଯେବେ ଭିଜାମାଟି ଖେଳାଏ ମହକ
ତୃଷାର୍ତ୍ତ ଚାତକ ଚାତକୀ ପ୍ରାଣେ ଖେଳିଯାଏ ନୂତନ ପୁଲକ ।।

ନୂତନ ମେଘର ଗୁରୁ ଗରଜନେ ନାଚେ ବନେ ଶିଖୀ ପୁଚ୍ଛ ମେଲି
ଉଚ୍ଛକିତ ହୋଇ ଧରଣୀ ହସଇ ଫୁଟେ ଯୂଇ ଯାଇ ହେନା ମଲ୍ଲୀ ।।

ସଜେଇ ହୋଇ ସେ ପ୍ରକୃତି ରାଣୀ ଟି ଦିଶେ କେଡେ ମନୋହର
ଶୁଷ୍କ ନଦ ନଦୀ ଗ୍ରାମ୍ୟ ପୁଷ୍କରିଣୀ ଦେଖ ଜଳେ ହେଲେ ଭରପୂର ॥

ଧଳା, ନାଲି, ନୀଳ କଇଁ ଫୁଲେ ଫୁଲେ ଭରା ଗ୍ରାମ୍ୟ ପୁଷ୍କରଣୀ
ଘାସ ଗାଲିଚାରେ ସାଧବ ବୋହୂ ଟି ଚାଲେ ନାଲି ଓଢଣାଟି ଟାଣି ॥

ରୁକ୍ଷ ବୃକ୍ଷରାଜି ଶ୍ରୀହୀନ ବନାନୀ ଶୋଭେ ନବ ପଲ୍ଲବୀତ ହୋଇ
କୋଇଲି ଡାକରେ ସୁନାରୀ ଗଛଟି ଝୁମେ ମତୁଆଲା ହୋଇ।।

ଚାଷୀଭାଇ ମନ ଆନନ୍ଦରେ ପୂର୍ଣ୍ଣ ,ନଭେ ଦେଖି ତୁମ ଆଗମନ
ଫଳାଇବ କ୍ଷେତେ ସୁନାର ଫସଲ ଯଦି ତୁମେ ଦେବ ବରଦାନ ।।

ସହି ସହି ବଢି ମରୁଡି ର ଦାଉ ହତାଶ ହୋଇଛି ସୁଖ ତା ଯାଇଛି ହଜି
ତୁମେ ସାହା ହେଲେ ଏକା ବରଷକେ ସବୁ ଦେଣା ଯିବ ତା'ର ଶୁଝି ।।

ଆସ ଆସ ତୁମେ ବର୍ଷା ଗୋ ତୁମ ସାଥେ ସୁଖ ନେଇ ଆସ
ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ହେଉ ମୋ ଭାରତବର୍ଷ ।।

ଘୁଞ୍ଚି ଯାଉ ସବୁ ଅଭାବ କଷଣ ଶୋକ, ଦୁଃଖ ହୋଇଯାଉ ଶେଷ
ହିଂସା, କ୍ଲେଶ, ଦ୍ୱେଷ ଦୂର ହୋଇ ସବୁ ମନେ ଭରି ଯାଉ ହର୍ଷ ।।

ଶାରଳା ଭବନ, ପୋତାପୋଖରୀ, ନୂଆବଜାର, କଟକ

ଶିଶୁ ସଂସାର
ମୋସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ବରଷା ଆସିଲା

ମନୋରମା ମିଶ୍ର

ଖରାଯାଇ ଏବେ ବରଷା ହେଲା
ଗରମଟା କାହିଁ ଉଭେଇ ଗଲା
ଝୁପୁରୁ ଝୁପୁରୁ ଝରିଯାଏ ମେଘ
ଶୀତଳ ପବନ ପରଶି ଦେଲା ।

ବରଷିଲା ମେଘ ହୋଇ ଅଥୟ
ଛୁଟିଲା ରାସ୍ତାରେ ପାଣିର ସୁଅ
କାଗଜର ଡଙ୍ଗା କରିଦେଲେ ଭାଇ
କହିଲେ ଏତକ ଭସାଇ ଦିଅ ।

ବରଷାକୁ ଦେଖି କୁନି ପଚାରେ
ସ୍କୁଲ କେମିତି ଯିବା ଏଥିରେ
ଶୁଣିଦେଇ ବାପା କହିଲେ କାହିଁକି
ନେଉନ ବର୍ଷାତି ଛତା ସାଙ୍ଗରେ ।

ବରଷଟା ଗଲା ସଞ୍ଜକୁ ବଢି
ତା'ସାଥେ ଅନ୍ଧାର ଆସିଲା ମାଡି
ପାଗ ଦେଖି ମାଆ ଛାଣିଲେ ପକୁଡି
ଖାଇଲେ ସଭିଏଁ ମିଶାଇ ମୁଢି ।

ଖାଇସାରି ଆମେ ବସିଛୁ ଦେଖି
ନେଇଗଲେ ଜେଜେ ପାଖକୁ ଡାକି
ଶୁଣୁ ଶୁଣୁ ତାଙ୍କ ମଜା ଗପ ସବୁ
ନିଦେ ଟୁକୁ ଟୁକୁ ହୋଇଲା ଆଖି ।

ନୀଳାଦ୍ରି ବିହାର , ଭୁବନେଶ୍ୱର

ଶିଶୁ ସଂସାର
ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ତା'ର ନାଆଁ ବରଷା

ଡକ୍ଟର ସଚ୍ଚିଦାନନ୍ଦ କର

ସକଳ ଋତୁର ସାର ସିଏ
ତା'ର ନାଆଁ ବରଷା
ସସାଗରା ଧରା ତାହା ପାଇଁ
ଦିଶେ ବଡ଼ ସରସା ।୧।

ଗୀରିଷମ ପରେ ଧୀରେ ଧୀରେ
ସିଏ ଆସେ ଧରାକୁ
ଆକାଶେ ବଉଦ ଢାଙ୍କିଦେଇ
ନାଶେ ଟାଣ ଖରାକୁ ।୨।

ଆଗମନେ ତା'ର ଜୀବକୁଳ
ମନ ହୁଏ ହରଷ
ଜୀବନ ଲଭନ୍ତି କେହି କେହି
ପାଇ ତା'ର ପରଶ ।୩।

ମନଲୋଭା ଦିଶେ ପରବତ
ବିଲ ବନ ପଡିଆ
ପୂରି ଉଠେ ନଈ ସମୁଦର
ଆଉ ବୁଡି ଗଡିଆ ।୪।

ଦେଖି ତାକୁ ଶିଖି ପୁଚ୍ଛ ଟେକି
ନାଚେ ଘୋର ବନରେ
କେତେ ନୂଆ ଆଶା ଜାଗିଉଠେ
ଚାତକର ମନରେ ।୫।

ସୁଖ ଶୀରି ଆଉ ବଇଭବ
ସବୁ ଦାନ ତାହାରି
ତାହା ବିନା ପଡେ ହାହାକାର
ଜୀବ ଯାଏ ବାହାରି ।୬।

କଥାରେ କଥାରେ ଗୁଣ ତା'ର
ନୁହଁଇଟି କହିରେ
ଧରାବାସୀ ଆମେ ଗାଉଥିବା
ଯେବେ ଥିବା ମହୀରେ ।୭।

' ନିର୍ମାଲ୍ୟ '
ନୂଆପଡା, ନୟାବଜାର, କଟକ-୪

ଶିଶୁ ସଂସାର
ମୋସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ବରଷା ଆସିଲେ ଗାଆଁକୁ ମୋର

ପ୍ରଶାନ୍ତ କୁମାର ନାଥ

ବରଷା ଆସିଲେ ଗାଆଁ କୁ ମୋହର
ଭରଇ ପୋଖରୀ ନଈ
କି ସୁନ୍ଦର ଆହା ଜୋର ଗହୀରିରେ
ଫୁଟୁଥାଇ ନୀଳକଇଁ । ୧।

ଧରଣୀ ମାଆ ମୋ ସଜେଇ ହୁଅଇ
ପିନ୍ଧିକି ସବୁଜ ପାଟ
ସବୁଜ କ୍ଷେତକୁ ଦେଖିଦେଲା ପରେ
ଭରିଯାଏ ଚାଷୀ ପେଟ । ୨।

ମହ ମହ ହୋଇ ବାସ ଯେ ଛୁଟଇ
ଜୁଇ ଯାଇ ହେନା ମଲ୍ଲି
ବରଷା ଆସିଲେ ସବୁଜ ରଙ୍ଗରେ
ସଜେଇ ହୁଏ ମୋ ପଲ୍ଲୀ । ୩।

ଘଡଘଡି ସାଥେ ବିଜୁଳି ମାରିଲେ
ଚାଳରୁ ଗଡ଼ିଲେ ପାଣି
ଆହ କି ସୁନ୍ଦର ଦିଶୁଥାଏ ତାହା
ମନ ନେଉଥାଏ କିଣି । ୪।

ସାରୁ ବୁଦା ମୂଳେ ବେଙ୍ଗୁଲି ରାବଇ
ଆନନ୍ଦ ମନରେ ବସି
କାଗଜ ଡଙ୍ଗାକୁ ଭସେଇ ଦାଣ୍ଡରେ
କୁନି ଝିଅ ହୁଏ ଖୁସି । ୫।

ଜହ୍ନି କାକୁଡିର ଲତା ଯେ ମାଡ଼ଇ
ବାଡ଼ିରେ ହୁଅଇ ଶାଗ
ତୁହାଇ ତୁହାଇ ମେଘ ବରଷଇ
ମନ କୁ ଚୋରାଏ ପାଗ । ୬।

ଜାଲୁଆ ଭାଇଟି ମାଛ ଧରିବାକୁ
କାନ୍ଧରେ ଜାଲକୁ ଧରି
ପୋଲ୍ ମୁଣ୍ଡେ ଯେବେ ବିଛେଇ ଦିଅଇ
ମନ କରିନିଏ ଚୋରି । ୭।

କୃଷକ ଭାଇଟି ବିଲ ଯାଉଥାଏ
ମୁଣ୍ଡରେ ପାଖିଆ ଦେଇ
ଘାସ ଟିକେ ପାଇଁ ଗୁହାଳ ଭିତରୁ
ହମ୍ବାରଡି ଛାଡେ ଗାଈ । ୮।

ଆକାଶ ଛାତିରେ ଇନ୍ଦ୍ରଧନୁ ଖେଳେ
ସାତଟି ରଙ୍ଗକୁ ନେଇ
କବି ଲେଖିଚାଲେ କେତେ ଯେ କବିତା
ବର୍ଷା ଗଲେ ଥରେ ଛୁଇଁ । ୯।

କି ସୁନ୍ଦର ଆହା ଛତା ପରି ସତେ
ବାଡ଼ିରେ ଫୁଟଇ ଛତୁ
ଭାରି ଭଲ ଲାଗେ ଗାଆଁ କୁ ମୋହର
ଆସିଲେ ବରଷା ଋତୁ । ୧୦।

୩୮/୧,ଲକ୍ଷ୍ମୀପୁରା,ବଦ୍ରାହାଲି, ସକଲବାରା ରୋଡ଼,ଜିଗନୀ ହୋବ୍ଳି,
ଅନେକଲ ତାଲୁକ,ବାଙ୍ଗାଲୋର-୫୬୦୦୮୩

ମୌସୁମୀ ବିଶେଷାଙ୍କ
ସୃଜନୀ ପରିବାର (ଚେନ୍ନାଇ)
ଅନ-ଲାଇନ ଫେସବୁକ ଓଡ଼ିଆ ସାହିତ୍ୟ ପତ୍ରିକା
ହିରଣ୍ମୟୀ
ପ୍ରଜ୍ଞା ଓ ପୁଲକର ନୂତନ ଇସ୍ତାହାର

ମୌସୁମୀ

କନକ ଲତା ଦାଶ୍

ମୌସୁମୀ ଯେବେ ଆସି
ମନ ଅଙ୍ଗନ ,
ଧରା ପ୍ରାଙ୍ଗଣ ସିକ୍ତ କରିଲା
ଉତ୍ତାଳ ହସ ହସି,
ସଞ୍ଚରି ଗଲା ଗଗନେ ପବନେ
ବର୍ଷା ର ପ୍ରୀତି ଛୁଆଁ
ଚହଲି ଉଠିଲା ଚଞ୍ଚଳ ଚିତ୍ତ
ପୁଲକିତ ହେଲା ହିଆ ।

ବଜ୍ର ନିନାଦ ଦର୍ଦ୍ଦୁର ରାବ
ଅଧିର କରିଲା ତେବେ,
ଚପଳା ଚମକ ଚହଟି ଉଠିଲା
ଫେନିଳ ପ୍ରମତ୍ତ ନଭେ
ସବୁଜ ସଙ୍ଗୀତ ଗାଇବାକୁ
ପ୍ରୀତିମଗ୍ନା ଧରଣୀ ସଜ
ବକ୍ଷ ପୁଲକେ ଗର୍ଭେ ତାହାର
ଧରି ସୃଷ୍ଟି ର ବୀଜ ।

ମୌସୁମୀ ନାଚେ ରଙ୍ଗେ
ମାଟି ର ପୃଥିବୀ ସଙ୍ଗିନୀ ତାର
ବର୍ଷା ବାଜଣା ବାଜେ,
ପ୍ରକୃତି ରାଣୀ ହସେ
ମନ ଖୋଲି
ବକ୍ଷେ ସବୁଜ ବିଭା
ସୃଷ୍ଟି ର ଏଇ ମଧୁର ସଙ୍ଗମ
ସତେ କେତେ ମନ ଲୋଭା ।

ମୌସୁମୀ
ଆମ ମାଟି ର ଦୋସର ,
ସୃଷ୍ଟି ର ମହାସ୍ରୋତ
ଅଦ୍ଭୁତ ସେଇ ସ୍ରଷ୍ଟା ପାଦ ରେ
ସମ୍ଭ୍ରମେ ମୋ ମଥା ନତ ।

ସୃଜନୀ ପରିବାର (ଚେନ୍ନାଇ)

ମୌସୁମୀ

ରାଧାମୋହନ ଗଡ଼ନାୟକ

ତୂର୍ଣ୍ଣ ଗତିର ହିଲ୍ଲୋଳେ ଆଜି ପୂର୍ଣ୍ଣ ବଳେ
ଧାଇଁ ଆସିଅଛି ମୌସୁମୀ ମୁହିଁ ସୃଷ୍ଟି ପରେ ।
ପ୍ରବାହେ ମୋହର କୃଷ୍ଣ ବାଦଲ ଦେଇଛି ଖୋଲି ;
ମଣୁଛ କି ମତେ ଅଲୁଳିତ -କେଶ ,-
ବିଲୁଳିତ -ବେଶ ,ଦୈତ ବୋଲି ?

ଡରୁଚ କି ମତେ ଡାକୁଅଛି ମୁଁ ଯେ ମନ୍ଦ୍ରଭାଷେ
ହସି ଦେଉଅଛି ବଜ୍ର - ବିଜୁଳି -ଅଟ୍ଟହାସେ ?
ବରଷି ଦେଉଛି ତୁମୁଳ କରକା ତୀବ୍ରତର
ମତାଇ ଦେଉଛି ଅକାଳ ପ୍ରଳୟ ବର୍ଷା ଝଡ !

ଡରନି ମତେରେ, ଡରନି ମତେରେ ମର୍ତ୍ତ-ଜୀବ
ରୁଦ୍ର ସିନା ଏ ମୂର୍ତ୍ତି ମୋହର ମୁହିଁ ତ ଶିବ ।
ନୀଳ ସୁନ୍ଦର ମହାସିନ୍ଧୁର ଉରସ ପରେ
ଦୋଳୁଥିଲି ମୁହିଁ ହରଷ ଭରେ ।
ଉର୍ମି -ସହାର ଚିକୁରେ ଚିବୁକେ
ପୀରତିର- ରସ -ହାସ-କୌତୁକେ ଲଗାଇ ପାଣି
କହି ଉଠୁଥିଲି "ରାଣୀ ଗୋ ରାଣୀ " ।

ପ୍ରଣୟ -ମୁଗ୍ଧା ,କଳ-ଉଚ୍ଛ୍ୱାସେ
କହି ଉଠୁଥିଲା ରସ -ଉଲ୍ଲାସେ
"ପ୍ରିୟ ହେ ପ୍ରିୟ ,
ଆହୁରି ଦିଅ ସେ ମଦିରା ପରଶ ଆହୁରି ଦିଅ । "
ଲୋଟିପଡି ତା'ର ନଗନ ଜଘନ ବକ୍ଷପରେ
ଫେନ- ହାସ ତା'ର ପିଇ ପିଇ ଓଠ ଚୁମ୍ବନରେ
ହେଉଥିଲି ରସ -ରଙ୍ଗ ଭୋଳ,
ତପତ କାହାର ନିଶ୍ୱାସ ,ବୁକୁ ବେଦନାର ଉଚ୍ଛ୍ୱାସ
ସହସା ବାଜିଲା ଅଙ୍ଗେ ମୋର ।

ଚଞ୍ଚଳ ମୁହିଁ ଚକିତେ ଫେରି ଅନାଇ ଦେଖିଲି ଦୃଷ୍ଟି ମେଲି
ତମାଳ ତାଳୀର କାନନିକା ଛାଡି ବଳକାରାଶି ,
ମହାସିନ୍ଧୁର ବନ୍ଧୁର ବୁକେ ପଡୁଛି ଝାସି ।
ଧରଣୀର ତଳ ଖର ଉତ୍ତାପେ ଉଠୁଛି ଭରି,
ଶସ୍ୟ -ଶଷ୍ପ-ପୁଷ୍ପ -ବିତାନ ଯାଉଛି ଜଳି ।

ଧୂଳିର କୁହେଳି କୁହୁଳି କୁହୁଳି ଥରକୁ ଥର
ଧୂମ୍ର ଧୂସର କରି ଦେଉଅଛି ଗଗନତଳ ।
ଶୈବଳିନୀ ସୈକତ ବୁକେ ରସର ରେଖା
ଶୁଖି ଯାଉଅଛି ଯାଉନି ଦେଖା ।

ନୀଳ ସୁନ୍ଦର ଶଇଳ ପୁଞ୍ଜ ଫୁଲ ବିକଚ ଅଟବୀ କୁଞ୍ଜ
ପ୍ରଳୟ ଭଳି ଦାବ-ଦହନରେ ଯାଉଛି ଜଳି ।
ତୃଷ୍ଣା କାତର ଚାତକ- କଣ୍ଠ ଯାଉଛି ଫାଟି
ଆଁ କରି ଏବେ ଶୂନ୍ୟେ ଚାହିଁଛି ଦୀର୍ଣ୍ଣମାଟି ।
ମାଟିର ଭକତ ଅମ୍ବରେ ରହି ବାର- କୁ- ବାର
ଜାଳି ଦେଉଅଛି ହା-ହା -କାର ।
ସକଳ ଦେଖି
ମୁହିଁ ନ ଦେଖୁଣୁ ପ୍ରେୟସୀ ମୋହର କହିଲା " ଏ କି " ।
ମୁଁ କହିଲି ,' ଥାଅ ଚାଲିଲି ଏବେ '
ସେ କହି ଉଠିଲା -ମୁଁ ଯିବି ତେବେ !
ମୁହିଁ କି କେବଳ ଜୀବନର ତୁମ ନିର୍ମମୟୀ
ହୋଇ-ପାରିବିନି କର୍ମ-ସହୀ ?
ହେ ! ମୋର ପ୍ରିୟ ସଙ୍ଗେ ନିଅ ।

ବିପୁଳ ପୁଲକ -ପରଶ-ଭରେ ମୁଁ ହରଷ-ଭରେ
ପ୍ରିୟାର ମୋହର ଆଶ୍ଳେଷୀ ନେଲି ଉରସପରେ ,
ଆଉ ତ କାହିଁ ଘନ ବନ୍ଧନ ଫିଟିଲା ନାହିଁ ।
ଦିଓଟି ଜୀବନ ମିଶିଯାଇ ଆଜି ମିଶ୍ର ରାଗେ
ଧାଇଁ ଆସିଅଛି ମୌସୁମୀ ମୁହିଁ ଧରଣୀଭାଗେ ।
ନମ୍ର ନୁହଇ ,କ୍ରମ ନୁହଇ ,ନୁହଇ ଧୀର ,
ଉଗ୍ର ମୁଁ ଆଜି ,ବ୍ୟଗ୍ର ମୁଁ ଆଜି ,ଅଗ୍ରସର ।

ସାଗର ବକ୍ଷୁ ବହିଆଣିଅଛି ସଲିଳଧାରା
ଦୂରଦିଗନ୍ତ ଉଡାଇ ଆଣିଛି ବାରିଦମାଳା ।
ପୀଡିତ ପ୍ରାଣର ମଙ୍ଗଳ ଲାଗି ଜୀବନ ତେଜ
ଦୁର୍ଦ୍ଦିନ ମୁହିଁ ସୃଷ୍ଟିର ତଳେ
ଦୁର୍ଦ୍ଦିନ ମୁହିଁ ଆଣୁଚି ଏଇ...... ।

ରାଧାମୋହନ ଗଡ଼ନାୟକ (୨୫ ଅଗଷ୍ଟ ୧୯୧୧ - ୨୧ ଫେବୃଆରୀ, ୨୦୦୦) ଜଣେ କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନପ୍ରାପ୍ତ ଓଡ଼ିଆ କବି ଥିଲେ । ତାଙ୍କର କବିତା ଗୁଡ଼ିକରେ ସ୍ୱଦେଶ ପ୍ରୀତି ଓ ସୌନ୍ଦର୍ଯ୍ୟର ଅନୁଭୂତି ଲକ୍ଷ୍ୟ କରାଯାଇଥାଏ । ସବୁଜ ଗୋଷ୍ଠୀର ସାହିତ୍ୟ ସାଧନା କାଳରେ ଏକକ କବି ଭାବରେ ସେ ପରିଚିତ ଥିଲେ ।
୧୯୨୭ ବେଳକୁ ତାଙ୍କର ରଚିତ ଅନେକ କବିତା 'ସହକାର, 'ନବଯୁଗ, 'ପଞ୍ଚାମୃତ', 'ଉତ୍କଳ ସାହିତ୍ୟ', 'ଗଡ଼ଜାତ ବାସିନୀ' ଆଦି ପତ୍ରିକାରେ ପ୍ରକାଶିତ ହୋଇ ଅନେକ ଖ୍ୟାତି ଅର୍ଜନ କରିଥିଲା । ଏହାପରେ ସେ ନିଜର ଧାରାବାହିକ ପଢ଼ା ବନ୍ଦ କରି ଦେଶସେବାରେ ପୁରା ସମୟ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀ କୃଷ୍ଣପ୍ରସାଦ ପଟ୍ଟନାୟକଙ୍କ କମ୍ୟୁନିଷ୍ଟ ଆନ୍ଦୋଳନ ବେଳରେ ସେ ମଧ୍ୟ ତାଙ୍କ ଲେଖନୀ ଚଳାଇଥିଲେ । 'ଉତ୍କଳ ସାହିତ୍ୟ ସମ୍ମିଳନୀ, ଓଡ଼ିଶା ସାହିତ୍ୟ ଏକାଡେମୀ ଆଦି ଅନେକ ଅନୁଷ୍ଠାନରେ ସେ ସଭାପତି ଓ ଉପସଭାପତି ଭାବରେ କାମ ତୁଲାଇଥିଲେ । ସେ ଖ୍ରୀଷ୍ଟ କଲେଜରେ ଆଇ ଏ ପଢୁଥିବାବେଳେ ତାଙ୍କ ରଚିତ 'କାବ୍ୟ ନାୟିକା' ଉକ୍ତ ଶ୍ରେଣୀର ପାଠ୍ୟ ଅନ୍ତର୍ଭୁକ୍ତ ଥିଲା ।